Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly ~~କାଦିଆନ~~ BADAR Qadian ODIA

ସଂଖ୍ୟା 6

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 09 ଫେବୃଆରୀ 2017    09 ତବ୍ଲିଗ୍ 1396 ହି.ଶ    11 ଯମାଦିଲ୍ ଅୱ୍ୱଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଯଦି ମସିହ୍ ଇବ୍‌ନେ ମରିୟମ୍ ମୋ ଯୁଗରେ ଥାନ୍ତେ ତା'ହେଲେ ମୁଁ ଯେଉଁ କାର୍ଯ୍ୟ କରିପାରୁଛି ସେ କଦାପି କରିପାରିନଥାନ୍ତେ ଏବଂ ଯେଉଁ ନିଦର୍ଶନ ମୋ ଦ୍ୱାରା ପ୍ରକଟିତ ହେଉଛି, ସେ କଦାପି ଦେଖାଇପାରିନଥାନ୍ତେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

"ମୋତେ ତା'ରାଣ ଯାହାର ହାତରେ ମୋ ଜୀବନ ଅଛି ଯେ ଯଦି ମସିହ୍ ଇବ୍‌ନେ ମରିୟମ୍ ମୋ ଯୁଗରେ ଆବିର୍ଭାବ ହୋଇଥାନ୍ତେ ତା'ହେଲେ ମୁଁ ଯେଉଁ କାର୍ଯ୍ୟ କରିପାରୁଛି ସେ କଦାପି ତାହା କରିପାରନ୍ତେ ନାହିଁ । ଏବଂ ଯେଉଁ ଚିହ୍ନଗୁଡିକ (ନିଦର୍ଶନ) ମୋ ଜରିଆରେ ପ୍ରକାଶ ହେଉଅଛି ସେ ତାହା କଦାପି ଦେଖାଇପାରନ୍ତେ ନାହିଁ ଏବଂ ଅଲ୍ଲାଃଙ୍କ କୃପା ନିଜ ଅପେକ୍ଷା ମୋ ପାଖରେ ଅଧିକା ପାଆନ୍ତେ । ମୁଁ ଯଦି ଏପରି, ତା'ହେଲେ ଭାବନ୍ତୁ ଯେ ସେହି ପାକ୍ ରୁସଲ୍ ସ:ଆ:ସଙ୍କ କିପରି ସମ୍ମାନ ଥିବ, ଯାହାଙ୍କ ଦାସତ୍ୱରେ ମୁଁ ଆସିଅଛି । *'ଜାଲେକା ଫଜ୍‌ଲୁଲ୍ଲାହେ ୟୁତିହି ମଇଁ ୟଶାଓ'* ଏଠି କୌଣସି ପ୍ରକାର ଇର୍ଷା ଓ ଦ୍ୱେଷ ନାହିଁ । ଅଲ୍ଲାଃ ଯାହା ଚାହାଁନ୍ତି ତାହା କରନ୍ତି । ଯିଏ ତା'ଇଛା ବିରୋଧରେ ଯାଏ, ସେ ନା କେବଳ ନିଜ ଲକ୍ଷରେ ବିଫଳ ହୋଇଥାଏ ବରଂ ମୃତ୍ୟୁ ବରଣ କରି ନର୍କରେ ପଡ଼ିଥାଏ । ଯେଉଁମାନେ ଅକ୍ଷମ (ସାଧାରଣ) ପ୍ରାଣିଙ୍କୁ ଅଲ୍ଲାଃ (ଭଗବାନ) ବନାଇଥାନ୍ତି । ସେମାନେ ହଲାକ୍ (ବିନିଷ୍ଟ) ହୋଇଗଲେ । ବିନିଷ୍ଟ ହୋଇଗଲେ ସେମାନେ ମଧ ଯେଉଁମାନେ ଜଣେ ନିର୍ବାଚିତ ରସୁଲଙ୍କୁ ଗ୍ରହଣ କଲେ ନାହିଁ । ମଙ୍ଗଳମୟ ସେ ବ୍ୟକ୍ତି ଯିଏ ମତେ ଚିହ୍ନିଲା । ମୁଁ ଅଲ୍ଲାଃଙ୍କ ସବୁ ମାର୍ଗ ମଧ୍ୟରୁ ଶେଷ ମାର୍ଗ ଅଟେ । ମୁଁ ତା'ର ପ୍ରତ୍ୟେକ ଜ୍ୟୋତି ମଧ୍ୟରୁ ଶେଷ ଜ୍ୟୋତି ଅଟେ । ସେ ବ୍ୟକ୍ତି ଅଭାଗା ଅଟେ ଯିଏ ମତେ ଛାଡୁଛି କାରଣ ମୋ ଛଡ଼ା ସବୁଆଡ଼େ ଅନ୍ଧକାରମୟ''

*(ରୁହାନି ଖଜାଏନ୍ ଖଣ୍ଡ-୧୯, କଶ୍ତିନୁହ୍ ପୃଷ୍ଠା-୬୦)*

୧୨୨ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୬ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାରୁ ଏପର୍ଯ୍ୟନ୍ତ ୧୨୫ ତମ ବର୍ଷ)

## ଅହେମଦୀୟା ମର୍କଜ୍ କାଦିଆନ୍ ଦାରୁଲଅମାନ୍‌ରେ ୧୨୨ତମ ଜଲ୍‌ସା ସାଲାନାର ସଫଳ ଆୟୋଜନ ।

◆ ମୁସ୍‌ଲିମ୍ ଟେଲିଭିଜନ୍ ଅହମଦୀୟା ଦ୍ୱାରା ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ଖଲିଫତୁଲ ମସିହିଲ୍ ଖାମିସ୍ ଆୟଦହୁଲ୍‌ଲାହୁ ତାଲା ବେ ନସ୍‌ରିହିଲ୍ ଅଜିଜ୍‌ଙ୍କର ଜଲ୍‌ସାରେ ସାମିଲ୍ ସଦସ୍ୟଙ୍କ ନିମନ୍ତେ ହୃଦ୍‌ବୋଧ ଭାଷଣ ◆ ୪୨ ଦେଶରୁ ଅତିଥିମାନଙ୍କର ଆଗମନ ଓ ୧୪,୨୪୨ ଅହେମଦୀୟା ପ୍ରେମୀଙ୍କ ଜଲ୍‌ସାରେ ଅଂଶଗ୍ରହଣ ◆ ହଜୁର୍ ଅନ୍‌ୱ୍ୱରଙ୍କ ଉଦ୍‌ଯାପନି ଭାଷଣ ସମୟରେ ଲଣ୍ଡନ୍‌ଠାରେ ୫,୨୩୦ ଅହେମଦୀଙ୍କର ସମାବେଶ ◆ ତହ୍‌ଯୁଦ୍ ନମାଜ ପାଠ ଦରସୁଲ୍ କୁରୁଆନ୍ ଓ ଜିକ୍‌ରେ ଏଲାହି ସହିତ ସୁନ୍ଦର ପରିବେଶ ◆ ଓ୍ୱଲେମା କରାମ୍‌ଙ୍କ ସୁଜ୍ଞାନୀ ଭାଷଣ ଜଲ୍‌ସା ପେଶ୍‌ୱ୍ୱାୟାନେ ମଜାହିବ୍‌ର (ସର୍ବଧର୍ମ ସମ୍ମିଳନୀ) ଆୟୋଜନ ◆ ଅତିଥିମାନଙ୍କ ପରିଚୟ ପ୍ରଦାନକାରୀ ଭାଷଣ ◆ ଦେଶୀୟ ଓ ବିଦେଶୀ ଭାଷାରେ ଅନୁବାଦ ◆ ଅହେମଦୀମାନଙ୍କ ନିମନ୍ତେ ଜ୍ଞାନବର୍ଦ୍ଧକ ଓ ବିଭିନ୍ନ ତରବ୍‌ୟତି ବିଷୟ ଉପରେ ଆଧାରିତ ଡ଼କ୍ୟୁମେଂଟାରି ଓ ଅନ୍ୟାନ୍ୟ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀର ଉପସ୍ଥାପନ ◆ ନୌ ମୁବାଇନ୍ ଏବଂ ଜେରେ ତବ୍‌ଲିଗ୍‌ଙ୍କ ନିମନ୍ତେ ଜଲ୍‌ସା ◆ ୨୬ ଟି ନିକାହ୍‌ର ଘୋଷଣା ◆ ପ୍ରିଂଟ୍ ଓ ଇଲୋକ୍‌ଟ୍ରୋନିକ୍ ମିଡ଼ିଆରେ ଜଲ୍‌ସାର ବୃହତ ପ୍ରସାରଣ ◆ ଶାନ୍ତିପ୍ରିୟ ଓ ସୁନ୍ଦର(ପରିବେଶରେ) ମୌସମ୍‌ରେ ଜଲ୍‌ସାର ସମସ୍ତ ପ୍ରୋଗ୍ରାମ୍ ପରିସମାପ୍ତି ◆ ''ଅଲ୍‌କଲମ୍'' ପ୍ରୋଜେକ୍ଟର ଆୟୋଜନ ◆ ଯମାତ ଅହେମଦୀୟା ଇଣ୍ଡୋନେଶିଆରୁ ୧୮୩ ଜଣ ବ୍ୟକ୍ତି ଚାର୍ଟାର୍ଡ଼ ଉଡ଼ାଜାହାଜ ଜରିଆରେ ଆସି ଜଲ୍‌ସା ସାଲାନାରେ ସାମିଲ୍ ।

**(ତୃତୀୟ ଭାଗ-ଶେଷ)**

*ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲା ବେ ନସ୍‌ରିହିଲ ଅଜିଜ୍‌ଙ୍କ ଖୁତାବ୍ (ସମ୍ବୋଧନ)........*

ତଶ୍‌ହୁଜ୍ ତଉଜ୍ ଏବଂ ସୁରାଫାତିହାର ଆବୃତି ପରେ ସୟଦ୍‌ନା ହଜୁର୍ ଅନ୍‌ୱ୍ୱର୍ ଅ:ବ ନିମ୍ନଲିଖିତ ଆୟତ ପାଠ କଲେ ।

*କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନ୍‌ଲ୍‌ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାଃହୁ,ଓ୍ୱ ୟଗ୍‌ଫିର୍‌ଲକୁମ୍ ଜୁନୁବକୁମ୍ । ଓ୍ୱଲ୍ଲାଃହୁ ଗଫୁରୁର୍ ରହିମ୍ । (ଆଲେଇମ୍‌ରାନ୍ : ୩୨)*

ଅନୁବାଦ - ତୁମେ କୁହ, "(ହେ ଲୋକମାନେ !) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମକୁ ଅନୁସରଣ କର; ତାହେହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ; ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ ।

ହଜୁର୍ ଅନ୍‌ୱ୍ୱର କହିଲେ - ଯଦି ଆମେ ଚାହୁଁଛେ ଯେ ଅଲ୍ଲାଃଙ୍କ ସାନ୍ନିଧ ପ୍ରାପ୍ତ ହେଉ ଏବଂ ସେ ଆମର ଦୁଆ ଗ୍ରହଣ କରୁ, ତା ହେଲେ ଅଲ୍ଲାଃତାଲା ଆମପାଇଁ ଗୋଟିଏ ନିୟମ ଶିଖାଇଛନ୍ତି ଯେ, ଏହା ତେବେ ହାସଲ ହେବ ଯେବେ ତୁମେ ରସୁଲ୍ ସ:ଆ:ସ ଙ୍କ ଆଦର୍ଶ ଉପରେ ପରିଚାଳିତ ହେବ ଏବଂ ଉକ୍ତ ଆଦର୍ଶ ଉପରେ ଅମଳ କରିବା ପାଇଁ ତାଙ୍କର ଏହା ମଧ ଅନୁଗ୍ରହ ଯେ ଆପଣ ସାହାବାଙ୍କ ଜରିଆରେ ସବୁ ବିଷୟ ଆମ ପର୍ଯ୍ୟନ୍ତ ପହଂଚାଇଛନ୍ତି, ଯାହା ଉପରେ ଆପଣ ସ:ଆ:ସ ନିଜେ ଅମଳ କରୁଥିଲେ । ଏହା ମଧ ବୁଝିବା ଜରୁରୀ ଅଟେ ଯେ ଆଁ ହଜ୍‌ରତ୍ ସ:ଆ:ସ ସେହି ସବୁ ପ୍ରତ୍ୟେକ କାର୍ଯ୍ୟ ଓ କଥା କରୁଥିଲେ ଯାହା ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ବର୍ଣ୍ଣନା କରିଛନ୍ତି । ହଜ୍‌ରତ୍ ଆଇଶା ର:ଅଙ୍କୁ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜୀବନଚର୍ଯ୍ୟା ବିଷୟରେ ପ୍ରଶ୍ନ କରାଗଲା ଯେ ଆପଣଙ୍କର କାର୍ଯ୍ୟକଳାପ କିପରି ଥିଲା ? ତିନଟି ଶବ୍ଦରେ ବତେଇଦେଲେ - ***କାନା ଖୁଲୁକୁହୁଲ୍ କୁରୁଆନ୍*** ଅର୍ଥାତ୍ - ଆପଣ ସ:ଆ:ସଙ୍କ ଚରିତ୍ର ଓ କାର୍ଯ୍ୟକଳାପ ତାହା ହିଁ ଥିଲା ଯାହା ପବିତ୍ର କୋରାନ୍ ନିଜ ଭିତରେ ଧରି ରଖିଛି । ପୁଣି ଏ ଯୁଗରେ ଅଲ୍ଲାଃତାଲା ଅଧିକ ଅନୁଗ୍ରହ କରି ନିଜର ଦୂତ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟବାଦୀ

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଦାସ ମସିହ୍ ମଉଦ୍ ଓ ମେହେଦି ମଉଦ୍‌ଙ୍କୁ ପ୍ରେରଣ କଲେ ଯିଏ ନବୀମାନଙ୍କର ସ୍ଥାନ ଓ ବିଶେଷ ରୂପେ ଆଁ ହଜ୍‌ରତ୍ ସ:ଆ:ସ ଏବଂ ଆପଣଙ୍କ ସୁଆଦର୍ଶର ଅତିରିକ୍ତ ଜ୍ଞାନ ପ୍ରଦାନ କଲେ ।

ହଜୁର ଅନୁଓ୍ୱର କହିଲେ : ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଅମ୍ବିୟା, ରସୁଲ ଓ ଆଏମା (ଅଗ୍ରଗଣ୍ୟ ବ୍ୟକ୍ତି) ସଂସାରରେ ଏଥିପାଇଁ ଆସିନଥାନ୍ତି କି ତାଙ୍କ ପୂଜା ହେଉ । ବରଂ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକେଶ୍ୱରବାଦକୁ ସ୍ଥାପନ କରିବା ଓ ଲୋକମାନେ ତାଙ୍କ ଶିକ୍ଷା ଉପରେ ଅମଳ କରିବେ ଯଦ୍ୱାରା ଅଲ୍ଲାଃତାଲା ତାଙ୍କୁ ମଧ୍ୟ ପ୍ରେମ କରିବେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ଅଲ୍ଲାତାଲାଙ୍କୁ ସ୍ନେହର ପାତ୍ର ହେବା ପାଇଁ ଏହି ରାସ୍ତା ବତେଇ ଦିଆଗଲା ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ବାସ୍ତବିକ ଅନୁସରଣ କରାଯାଉ । ତେଣୁ ଏକଥାକୁ ମନେରଖିବା ଉଚିତ୍ ଯେ ଅଲ୍ଲାଃତାଲାଙ୍କର ପ୍ରେରିତ ଦୂତ ଏବଂ ସତ୍ୟନିଷ୍ଠ ବ୍ୟକ୍ତି ସଂସାରରେ ଏକେଶ୍ୱରବାଦ ପ୍ରତିଷ୍ଠା କରିବା ପାଇଁ ନମୁନା ହୋଇଥାନ୍ତି ।

ସର୍ବ ପ୍ରଥମ ଜିନିଷ ଯାହା ନବୀମାନେ ଆମଙ୍କୁ ଶିକ୍ଷା ଦେଇଥାନ୍ତି ଏବଂ ସେ ସବୁର ସର୍ବୋଚ୍ଚ ସ୍ଥାନ ରସୁଲ୍ ସ:ଆ:ସ ନେଇଛନ୍ତି ତାହା, ଏକେଶ୍ୱରବାଦର ପ୍ରତିଷ୍ଠା ଅଟେ । ଉକ୍ତ ବିଷୟକୁ ଆପଣ ସ:ଆ:ସ ନିଜ ଅନୁଯାୟୀମାନଙ୍କ ମଧ୍ୟରେ ସୃଷ୍ଟି କରାଇଛନ୍ତି । ସାହାବାମାନେ ଆପଣ ସ:ଆ:ସଙ୍କ ସାନ୍ନିଧ୍ୟ ଲାଭ କରିଲେ । ଅଲ୍ଲାଃଙ୍କ ସହିତ ପ୍ରେମ ଓ ଉପାସନାର ଆଦର୍ଶକୁ ଦେଖିଲେ ଯଦ୍ୱାରା ସେମାନଙ୍କ ମଧ୍ୟରେ ବାସ୍ତବିକ୍ ଉଦ୍‌ବୋଧ ଜନ୍ମ ନେଲା । ସାହାବାଙ୍କର ବହୁତ ବଡ଼ କାର୍ଯ୍ୟ ଏହା ଥିଲା ବରଂ ଆମ ଉପରେ ସେମାନଙ୍କର ବଡ଼ ଉପକାର ଏହା ଯେ ସେମାନେ ଉକ୍ତ ନମୁନାକୁ ଆମ ପର୍ଯ୍ୟନ୍ତ ପହଂଚାଇଲେ । ଏହି କ୍ରମରେ ହଜୁର ଅନୁଓ୍ୱର ଅ:ବ:ଅ ହଜ୍‌ରତ୍ ଉମର୍ ର:ଅଙ୍କ ଗୋଟିଏ ଘଟଣା ଉଲ୍ଲେଖ କରି କହିଲେ ଯେ ନବୀ ସ:ଆ:ସ କହିଛନ୍ତି ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାର ରାଣ ଖାଇବା ଅନୁଚିତ୍ । କିଛି ଲୋକ ନିଜ ଆମ୍ବିୟଙ୍କ ରାଣ ଖାଇନିଅନ୍ତି । ଏପରି କଥା ଏକେଶ୍ୱରବାଦରୁ ଦୂରେଇ ଦେଇଥାଏ ।

ଥରେ ଜଣେ ପ୍ରଶ୍ନ କଲେ ଯେ ହେ! ରସୁଲ୍ ସ:ଆ:ସ କିଏ ନିଜର ସମ୍ମାନ ପାଇଁ, କିଏ ନିଜର ବାହାଦୁରି ଦେଖାଇବା ପାଇଁ ଓ କିଏ ମାଲେ ଗନିମତ (ଯୁଦ୍ଧରେ ଜିତିଥିବା ବସ୍ତୁ) ପ୍ରାପ୍ତ କରିବା ପାଇଁ ଯୁଦ୍ଧ କରିଥାନ୍ତି ! ସେମାନଙ୍କ ମଧ୍ୟରୁ ଯିହାଦ୍ କରିବା ବ୍ୟକ୍ତି କିଏ ? କହିଲେ କି ସେ, ଯିଏ ଏଥିପାଇଁ ଯୁଦ୍ଧ କରିଥାଏ ଯେ ଅଲ୍ଲାଃଙ୍କ ବାଣୀ ଉଚ୍ଚତର ହେଉ ଏବଂ ଏକେଶ୍ୱରବାଦର ସ୍ଥାପନ ହେଉ, ବାସ୍ତବିକ ସେ ହିଁ ଯିହାଦ କରିବା ବ୍ୟକ୍ତି ଅଟେ ।

ଥରେ ମକ୍କାର ସରଦାର୍‌ମାନେ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ କଥାବାର୍ତ୍ତା ପାଇଁ ଡାକିଲେ । କହିଲେ ଯେ ଯଦି ତୁମର ଧନ ସମ୍ପତି ଠୁଳ କରିବାର ଲକ୍ଷ ଅଛି । ତେବେ ଆମେ ତୁମକୁ ଧନ ସମ୍ପତି ଦେଉଛୁ । ଯଦ୍ୱାରା ତୁମେ ଆମ ଜାତିର ବିତଶାଳୀ ବ୍ୟକ୍ତି ହୋଇଯିବ । ଯଦି ସର୍‌ଦାର୍ (ଦଳପତି) ହେବାର ଅଭିଳାଷା ଅଛି, ଆମେ ଆପଣଙ୍କୁ ଆମର ଦଳପତି ରୂପେ ମାନିନେବୁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ତୁମେମାନେ ଭୁଲ୍ ବୁଝୁଛ । ମୁଁ ଏହା ଋହୁଁ ନାହିଁ । ମତେ ଅଲ୍ଲାଃତାଲା ନବୀ ବନାଇ ପ୍ରେରଣ କରିଛନ୍ତି । ତେଣୁ ମୁଁ ଅଲ୍ଲାଃଙ୍କ ବାର୍ତ୍ତା ପହଂଚାଇଦେଲି । ଯଦି ତୁମେ ଗ୍ରହଣ କରିବ ତେବେ ତୁମର ହିଁ ଲାଭ ହେବ । ଯଦି ନ ମାନିବ ତା'ହେଲେ ଅପେକ୍ଷା କର, ଯେପର୍ଯ୍ୟନ୍ତ ଅଲ୍ଲାଃତାଲା କୌଣସି ନିଷ୍ପତି ନ କରିଛି । ପରିଶେଷରେ ସଂସାରବାସୀ ଦେଖିନେଲେ ଯେ କିପରି ସଂସାରରେ ଏକେଶ୍ୱରବାଦ ପ୍ରତିଷ୍ଠା ହେଲା । ହଜୁର୍ ଅନୁଓ୍ୱର୍ କହିଲେ ଏକେଶ୍ୱରବାଦ ପ୍ରତିଷ୍ଠାର ଉତୋରତର ଉନ୍ନତି ସେତେବେଳେ ହୋଇଥାଏ ଯେତେବେଳେ ଉପାସନାର ଉଚ୍ଚତମ ଦୃଷ୍ଟାନ୍ତ ସ୍ଥାପନ ହୁଏ । ଆମର ଆକା ଏହାର ମଧ୍ୟ ଉଚ୍ଚତର ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି । ଯାହାର ସାକ୍ଷୀ ଅଲ୍ଲାଃତାଲା ଏପରି ଦେଉଛନ୍ତି । *"ଅଲ୍ଲଜି ୟରାକା ହୀନା ତକୁମୁ ଓ୍ୱ ତକଲ୍ଲୁବକା ଫିସ୍ ସାଏଦେନ୍''* ଅଲ୍ଲାଃତାଲା କହୁଛନ୍ତି ଯେ ତୁମେ ଏକେଶ୍ୱରବାଦ ସ୍ଥାପନା କରି ସତ୍ୟପ୍ରିୟମାନଙ୍କର ଏପରି ଯମାତ୍ ବନାଇଦେଲ ଯାହାଙ୍କ ରାତି ଉପାସନାରେ ବିତୁଛି । ଯେଉଁଠି ଆମକୁ ଏକେଶ୍ୱରବାଦର ସ୍ପନ୍ଦନ ଦେଖାଯାଉଛି ସେଠାରେ ଏହା ମଧ୍ୟ ଦେଖାଯାଉଛି ଯେ ଆପଣ ସ:ଆ:ସ ନିଜର ଅନୁଯାୟୀମାନଙ୍କ ମଧ୍ୟରେ ଏପରି ସଜ୍‌ଦା କରିବା ବାଲା ବ୍ୟକ୍ତି ଜନ୍ମାଇବାକୁ ଋହୁଁଥିଲେ ଯିଏ କେବଳ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହେବେ ।

ଥରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ପ୍ରତ୍ୟେକ ନବୀଙ୍କ ଗୋଟିଏ ଗୋଟିଏ ଅଭିଳାଷ ଥାଏ ଏବଂ ମୋର ଅଭିଳାଷ ଉପାସନା କରିବା ଅଟେ । ଜଣେ ସାହାବି କହୁଛନ୍ତି ଯେ ଥରେ ସେ ଆପଣ ସ:ଆ:ସଙ୍କୁ ଉପାସନା କରୁଥିବା ସମୟରେ ଦେଖିଲେ । ଆପଣଙ୍କ ଛାତିରୁ ସେତେବେଳେ ଏପରି ଶବ୍ଦ ବାହାରୁଥିଲା ଯେପରି ଚକି ଋଲିବାର ଶବ୍ଦ ଅଟେ । ଗୋଟିଏ କଥନରେ ମିଳୁଛି ଯେ ଯେପରି ହାଣ୍ଡି ଫୁଟୁଥାଏ ସେହିପରି ଶବ୍ଦ ଆସୁଥିଲା । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି କୟାମୁଲ୍ ଲୈଲ୍ (ରାତିରେ ଉପାସନା ପାଇଁ ଛିଡ଼ାହେବା) କୁ ଛାଡ଼ନାହିଁ । କାରଣ ହଜୁର୍ ସ:ଆ:ସ କେବେ ଛାଡୁନଥିଲେ । ରୋଗାବସ୍ଥାରେ ବସିକରି ପାଠ କରୁଥିଲେ । ଥରେ କହିଲେ ଯେ ଅସୁସ୍ଥ ଓ ଦୁର୍ବଳତା ଅନୁଭବ କରୁଥିବା ସତ୍ୱେ ଆଜି ରାତିରେ ମଧ୍ୟ ଲମ୍ବା ସୁରା ପାଠ କରିଛି । ଆପଣଙ୍କ ସାହାବା ଏହି ଉତ୍କଣ୍ଠା ଦେଖିଥିଲେ ଏବଂ ଆପଣଙ୍କ ଆଦର୍ଶକୁ ଆପଣେଇ ନେଲେ ଯେଉଁମାନେ ଅନେକେଶ୍ୱରବାଦୀଥିଲେ ସେମାନେ ଏପରି ଏକେଶ୍ୱରବାଦର ଉପାସନା କରିଲେ ଯେ ପରେ ଆସିବା ଲୋକଙ୍କ ପାଇଁ ଦୃଷ୍ଟାନ୍ତ ହୋଇଗଲେ । ଏହି ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ସାହାବାଙ୍କର କଣ ଅବସ୍ଥା ଥିଲା ? ଏବଂ ହଜୁର ସ:ଆ:ସ ତାଙ୍କ ମଧ୍ୟରେ କଣ କ୍ରାନ୍ତି ଆଣିଲେ ? *ଓ୍ୱ ୟାକୁଲୁନ କମା ତାକୁଲୁଲ୍ ଅନ୍‌ଆମୁ ରୁ ୟବିତୁନା ଲି ରବ୍‌ବିହିମ୍ ସୁୟଯଦଓଁ ଓ୍ୱ କିୟାମା* କରିଦେଲେ । ଯାହାର (ଦୃଷ୍ଟାନ୍ତ) ନିଦର୍ଶନ ସଂସାରରେ କୌଣସି ଗୋଷ୍ଠିର ଇତିହାସରେ ମିଳିପାରିବ ନାହିଁ । ଏହି ସତ୍ୟତାର ସ୍ୱୀକାର ସଂସାରକୁ କରିବାକୁ ପଡ଼ିଲା । ଏ ଯୁଗରେ ଏହି କ୍ରାନ୍ତିକୁ ଜନ୍ମ ଦେବାପାଇଁ ଅଲ୍ଲାଃତାଲା ହଜ୍‌ରତ୍ ମହିହ୍ ମଉଦ୍ ଆ:ସ ଙ୍କୁ ପ୍ରେରଣ କଲେ । ଆମ୍ଭର ମଧ୍ୟ କର୍ତ୍ତବ୍ୟ ଯେ ଆମେ ନିଜର ଅନୁଧ୍ୟାନ କରି ଏହାର ଅନୁଶିଳନ କରିବା । ଅମ୍ବିୟା (ନବୀମାନେ) ସଂସାରରେ ସତ୍ୟକୁ ପ୍ରକାଶ କରିବା ପାଇଁ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ଥାନ ସର୍ବାଗ୍ରେ ଯେ ଶତ୍ରୁ ମଧ୍ୟ ଆପଣଙ୍କ ସତ୍ୟତାର ସମର୍ଥନ କରୁଛି । ଥରେ ଯେତେବେଳେ ଶତ୍ରୁମାନେ ନିଜ ଭିତରେ ପରାମର୍ଶ କଲେ ଯେ ଆପଣଙ୍କୁ ଯାଦୁଗର ରୂପେ ଘୋଷଣା କରିଦିଆଯାଉ ଓ ମିଛୁଆ ବୋଲି ବିବେଚିତ କରି ପ୍ରଘଟ କରିଦିଆଯାଉ ସେତେବେଳେ ନଜିର୍ ବିନ୍ ହାରିସ୍ କହିଲେ ଯେ ମୁହମ୍ମଦ ସ:ଆ:ସ ତୁମ ନିକଟରେ ଯୁବକ ହୋଇ ବଢ଼ିଛନ୍ତି ଓ ସବୁଠାରୁ ଅଧିକ ବିଶ୍ୱାସନୀୟ ଓ ସତ୍ୟବାଦୀ ଅଟନ୍ତି । ଏବେ ଯେତେବେଳେ ବାର୍ତ୍ତା ନେଇ ଆସିଲେ ତୁମେ କହୁଛ ଯେ ସେ ମିଛୁଆ ବୋଲି । ନା ସେ ମିଛୁଆ, ନା ସେ ଯାଦୁଗର, ନା ସେ ଜ୍ୟୋତିଷ, ନା ସେ କବି ଓ ନା ସେ ପାଗଳ ଅଟନ୍ତି ।

ଥରେ ଅବୁ ଯହଲ କହିଲେ ଯେ ମୁଁ ତୁମକୁ ମିଛୁଆ ବୋଲି କହୁନାହିଁ ବରଂ ତୁମେ ଆଣିଥିବା ଶିକ୍ଷାକୁ (ମିଛୁଆ) କହୁଛି । ହଜୁର୍ ସ:ଆ:ସ କହିଲେ ଯେ ମୁଁ ତୁମମାନଙ୍କ ନିକଟରେ ଏତେଦିନ ରହିଆସିଛି ତୁମେ ମତେ ମିଛୁଆ ବୋଲି କହିପାରିବ ନାହିଁ । ଏବେ କଣ ମୁଁ ଶିକ୍ଷାର ସନ୍ଦର୍ଭରେ ମିଛ କହିବି ? ଯଦିଚ ମୁଁ ସାରାଜୀବନ ସତ କହିଆସୁଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଅମ୍ବିୟା (ନବୀମାନେ) ସତ୍ୟବାଦିତା ଯୋଗୁଁ ନିଜକୁ ପ୍ରତିଷ୍ଠିତ କଲେ । ପବିତ୍ର ଆୟତ୍ - ***"ଫକଦ୍ ଲବିସ୍‌ତୁ ଫିକୁମ୍ ଉମ୍‌ରମ୍ ମିନ୍ କବ୍‌ଲିହି''*** ର ସାକ୍ଷୀ ପବିତ୍ର କୋରାନ୍‌ରେ ଅଛି । ତେଣୁ ଏହି ନବୀଙ୍କ ଅନୁଯାୟୀମାନଙ୍କୁ ନିଜର ସମୀକ୍ଷା କରିବା ଉଚିତ୍ ଯେ ତାଙ୍କର ଆଦର୍ଶ କିପରି ହେବ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଉ ଗୋଟିଏ ବିଶେଷ ଗୁଣର ଚର୍ଚ୍ଚା କରି ହଜୁର୍ କହିଲେ ଯେ ଅଲ୍ଲାଃତାଲା ଆପଣ ସ:ଆ:ସଙ୍କୁ ସଫଳତା ଦେବା ସଙ୍ଗେ ସଙ୍ଗେ ଆପଣଙ୍କ ନମ୍ରତା ମଧ୍ୟ ବଢ଼ି ଋଲିଲା । ଜଣେ ଲୋକ ଯିଏ ଭୟରେ କମ୍ପୁଥିଲେ, ତାଙ୍କୁ ଆପଣ କହିଲେ ମତେ କାହିଁକି ଡ଼ରୁଛ ମୁଁ ଜଣେ ବୁଢ଼ୀର ପୁଅ ଅଟେ ।

ଥରେ ଆପଣ ସ:ଆ:ସ କହିଲେ ଯେ କୌଣସି ବ୍ୟକ୍ତି ନିଜ କର୍ମଦ୍ୱାରା ମୋକ୍ଷ ପାଇପାରିବ ନାହିଁ । ସାହାବା କହିଲେ କଣ ଆପଣ ମଧ୍ୟ (ପାଇବେନାହିଁ) ? ଆପଣ କହିଲେ ହଁ ମୁଁ ମଧ୍ୟ, ଯଦି ଅଲ୍ଲାଃଙ୍କ କରୁଣା ହେବ ତା'ହେଲେ ମୁଁ ମୋକ୍ଷ ପାଇବି । ଯାହାଙ୍କ ନିମନ୍ତେ ଅଲ୍ଲା କହୁଛନ୍ତି ଯେ ତା'ହାତ ଉପରେ ମୋ ହାତ ଅଛି ବୋଲି କିନ୍ତୁ ତାଙ୍କର କିପରି (ଇଶ୍ୱର) ଭୟ ଥିଲା । କହିଲେ କଦାପି ଅଲ୍ଲାଃଙ୍କ ସହିତ ବିଶ୍ୱାସଘାତ କରନାହିଁ, ତା ସହିତ ସମ୍ପର୍କ ତୁଟାଅ ନାହିଁ ।

ଦୁନିଆରେ ସଫଳତା ହାସଲ ପରେ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

◆ ଆଜି ସମଗ୍ର ପୃଥିବୀରେ ଏପରି କୌଣସି ଗୋଷ୍ଠୀ କିମ୍ବା ଜମାଅତ ନାହିଁ ଯାହାର ପ୍ରତ୍ୟେକ ସହର ଓ ଦେଶର ସଦସ୍ୟମାନେ ଗୋଟିଏ ଉଦ୍ଦେଶ୍ୟରେ ଗୋଟିଏ ହାତରେ ଏକତ୍ରିତ ହୋଇ ନିଜ ଅର୍ଥ ଧର୍ମର ପ୍ରଚାର, ପ୍ରସାର ଓ ମାନବ ଜାତିର କଲ୍ୟାଣ ନିମନ୍ତେ ପ୍ରଦାନ କରିଥାନ୍ତି । ଜମାଅତ ଅହେମଦିୟା ହିଁ ଏକ ମାତ୍ର ଜମାଅତ ଯାହାକୁ ଅଲ୍ଲାଃତାଲା ଏହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ପ୍ରତିଷ୍ଠା କରିଛନ୍ତି ଏବଂ ତାହା ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସ ହଜରତ ମସିହ ମଉଦ ଆ.ସଙ୍କର ଜମାଅତ ଅଟେ । ଇସଲାମକୁ ସମଗ୍ର ପୃଥିବୀରେ ପରିବ୍ୟାପ୍ତ କରିବା ପାଇଁ ଯାହାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସୁତରାଂ ୧୨୮ ବର୍ଷ ମଧ୍ୟରେ ଇସଲାମ ଓ ମାନବ ଜାତିର କଲ୍ୟାଣ ନିମନ୍ତେ ଆପଣଙ୍କ ମାନ୍ୟକାରୀମାନେ ନିଜର ଅର୍ଥ ବ୍ୟୟ କରି ଚାଲିଛନ୍ତି । ଏହା ଏଥିପାଇଁ ଯେ ହଜରତ ମସିହ ମଉଦ ଆ.ସ ଏହି ଜମାଅତକୁ ପବିତ୍ର କୋରାନର ଶିକ୍ଷା ମୁତାବକ ନିଜ ଅର୍ଥ ବିନିଯୋଗ କରିବାର ସଠିକ୍ ମାର୍ଗ ଦର୍ଶାଇ ଦେଇଛନ୍ତି ।

◆ ଏପରି ଅନେକ ଲୋକଙ୍କ ଉଦାହରଣ ହଜୁର ଆ.ସ ନିଜ ପୁସ୍ତକ ଓ ମଲଫୁଜାତରେ ଦରଜ କରିଛନ୍ତି ଯେଉଁମାନେ କି ନିଜର ଆବଶ୍ୟକତାକୁ ପଛରେ ପକାଇ ଧର୍ମ ମାର୍ଗରେ ବଢିଚଢି କୁରବାନି କରିଥିଲେ ।

◆ ହଜରତ ମସିହ ମଉଦ ଆ.ସଙ୍କ ଜମାଅତର ସଦସ୍ୟମାନଙ୍କୁ କୁରବାନି କରିବାର ଏଭଳି ସ୍ୱାଦ ଲାଗିଲା ଯେ ପିଢୀ ପରେ ପିଢୀ କୁରବାନି କରିଚାଲିଛନ୍ତି । ଏପରିକି ଦୂର ଦୂରାନ୍ତରରୁ ଆସି ଯେଉଁମାନେ ଜମାଅତରେ ସାମିଲ ହେଉଛନ୍ତି, ସେମାନେ ମଧ୍ୟ ଉକ୍ତ ଗୁରୁଜନମାନଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ଅଲ୍ଲାଃତାଲାଙ୍କ ବାର୍ତା ଶୁଣି ବଳିଦାନର ମର୍ମ ବୁଝି ଏପରି ଉଦାହରଣ ସୃଷ୍ଟି କରୁଛନ୍ତି ଯେ, ଆନ୍ୟମାନେ ଆଚମ୍ଭିତ ରହିଯାଉଛନ୍ତି ।

◆ ୱକ୍‌ଫେ ଯଦିଦ୍‌ର ୬୦ତମ ବର୍ଷର ଶୁଭାରମ୍ଭ ଓ ଘୋଷଣା ।

◆ ଏହି ବିଭାଗରେ ବିଗତ ବର୍ଷ ମୋଟ ୮୦ଲକ୍ଷ ୨୦ହଜାର ପାଉଣ୍ଡ ଆଦାୟ ହୋଇଛି । ପୂର୍ବ ବର୍ଷ ଅପେକ୍ଷା ଏହି ରାଶୀ ୧୧ଲକ୍ଷ ୨୯ହଜାର ପାଉଣ୍ଡ ଅଧିକ ଅଟେ । ପୂର୍ବ ପରି ଏ ବର୍ଷ ମଧ୍ୟ ପାକିସ୍ତାନ ନିଜର ପ୍ରଥମ ସ୍ଥାନ ବଜାୟ ରଖିଛି ।

◆ ଶ୍ରୀମତି ଅସମା ତାହିରା ସାହେବା ସ୍ୱାମୀ ଶ୍ରୀମାନ ମିର୍ଜା ଖଲିଲ୍ ଅହେମଦ୍ ସାହେବ ଏବଂ ଶ୍ରୀମାନ ଚୌ. ହମିଦ୍ ନସରୁଲ୍ଲାଃ ଖାଁ ସାହେବଙ୍କର ନମାଜ ଯନାଜାଃ ପାଠ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୬ ଜାନୁଆରୀ ୨୦୧୭ ଅନୁଯାୟୀ ୬ ସୁଲାହ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ ـ
اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ସଂସାରରେ ଲୋକେ ନିଜ ସ୍ୱାର୍ଥ ହାସଲ ଓ ଆନନ୍ଦ ଉପଭୋଗ କରିବା ନିମନ୍ତେ ଅଜସ୍ର ଅର୍ଥ ବ୍ୟୟ କରିଥାନ୍ତି । ପୁଣି କଦାଚିତ୍ ଦାନ ଦକ୍ଷିଣା ମଧ୍ୟ କରିଥାନ୍ତି କିନ୍ତୁ ଆଜି ସମଗ୍ର ପୃଥିବୀରେ ଏପରି କୌଣସି ଗୋଷ୍ଠୀ କିମ୍ବା ଜମାଅତ ନାହିଁ ଯାହାର ପ୍ରତ୍ୟେକ ସହର ଓ ଦେଶର ସଦସ୍ୟମାନେ ଗୋଟିଏ ଉଦ୍ଦେଶ୍ୟରେ ଗୋଟିଏ ହାତରେ ଏକତ୍ରିତ ହୋଇ ନିଜ ଅର୍ଥ ଧର୍ମର ପ୍ରଚାର, ପ୍ରସାର ଓ ମାନବ ଜାତିର କଲ୍ୟାଣ ନିମନ୍ତେ ପ୍ରଦାନ କରିଥାନ୍ତି । ଜମାଅତ ଅହେମଦିୟା ହିଁ ଏକ ମାତ୍ର ଜମାଅତ ଯାହାକୁ ଅଲ୍ଲାଃତାଲା ଏହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ପ୍ରତିଷ୍ଠା କରିଛନ୍ତି ଏବଂ ତାହା ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସ ହଜରତ ମସିହ ମଉଦ ଆ.ସଙ୍କର ଜମାଅତ ଅଟେ । ଇସଲାମକୁ ସମଗ୍ର ପୃଥିବୀରେ ପରିବ୍ୟାପ୍ତ କରିବା ପାଇଁ ଯାହାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସୁତରାଂ ୧୨୮ ବର୍ଷ ମଧ୍ୟରେ ଇସଲାମ ଓ ମାନବ ଜାତିର କଲ୍ୟାଣ ନିମନ୍ତେ ଆପଣଙ୍କ ମାନ୍ୟକାରୀମାନେ ନିଜର ଅର୍ଥ ବ୍ୟୟ କରି ଚାଲିଛନ୍ତି । ଏହା ଏଥିପାଇଁ ଯେ ହଜରତ ମସିହ ମଉଦ ଆ.ସ ଏହି ଜମାଅତକୁ ପବିତ୍ର କୋରାନର ଶିକ୍ଷା ମୁତାବକ ନିଜ ଅର୍ଥ ବିନିଯୋଗ କରିବାର ସଠିକ୍ ମାର୍ଗ ଦର୍ଶାଇ ଦେଇଛନ୍ତି । ହଜୁର ଆ.ସ ଗୋଟିଏ ସ୍ଥାନରେ କୁହନ୍ତି-

ମୁଁ ବାରମ୍ବାର ସ୍ପଷ୍ଟ କରିଦେଇଛି ଯେ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କର କାରଣ ବର୍ତମାନ ଇସଲାମର ଅବସ୍ଥା ନିମ୍ନଗାମୀ ଏବଂ ଏହାର ବାହ୍ୟ ଓ ଆଭ୍ୟନ୍ତରିଣ ଅବସ୍ଥା ଦେଖି ମନ ବିଚଳିତ ଓ ପ୍ରକମ୍ପିତ ହୋଇ ଉଠୁଛି । ଅନ୍ୟ ଧର୍ମାବଲମ୍ବୀମାନେ ଇସଲାମ ଉପରେ ଆକ୍ରମଣ କରିଚାଲିଛନ୍ତି । ଆପଣ ଆହୁରି କୁହନ୍ତି କି ଇସଲାମର ଏପରି ଅବସ୍ଥାରେ କଣ ଆମେ କିଛି ପଦକ୍ଷେପ ନ ନେଇ ବସି ରହିବା । ଅଲ୍ଲାଃତାଲା ଏଥିପାଇଁ ଏହି ଜମାଅତକୁ ପ୍ରତିଷ୍ଠା କରିଛନ୍ତି । ସୁତରାଂ ଏହାର ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରିବା ଅଲ୍ଲାଃତାଲାଙ୍କ ଆଦେଶ ଓ ଇଚ୍ଛା ଅଟେ ।

ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତୀ ରହିଛି ଯେ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବ ସେ ତାହାକୁ ଅଜସ୍ର ବିଭୂତି ପ୍ରଦାନ କରିବେ । ତାକୁ ଏହି ଇହକାଳରେ ଅନେକ କିଛି ମିଳିବ ଏବଂ ପରକାଳରେ ମଧ୍ୟ ସେ ତାହାର ଉତମ ପରିଣାମ ଦେଖିନେବ କି ତାହାକୁ କିଭଳି ସୁଖ ଓ ଆନନ୍ଦ ଲାଭ ହୋଇଛି । ଅତଏବ ବର୍ତମାନ ମୁଁ ତୁମ ସମସ୍ତଙ୍କର ଏଥିପ୍ରତି ଧ୍ୟାନ ଆକର୍ଷିତ କରୁଅଛି କି ଇସଲାମର ଉନ୍ନତି ନିମନ୍ତେ ଅର୍ଥ ବ୍ୟୟ କର'' । *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃଷ୍ଠା-୩୯୩-୩୯୪)*

ସୁତରାଂ ଆପଣଙ୍କ ସାଥିମାନେ ଏହି ନିର୍ଦ୍ଦେଶକୁ ବୁଝି ନିଜ ଅର୍ଥ ଧର୍ମ ମାର୍ଗରେ ପ୍ରଦାନ କରିଥିଲେ । ଯାହାର ଚର୍ଚ୍ଚା ଆପଣ ବହୁତ ସମୟରେ କରିଛନ୍ତି ଯେ କିପରି ଭାବେ ଆପଣଙ୍କ ଅନୁଯାୟୀମାନେ ଅର୍ଥ ଦାନରେ ଆଗକୁ ବଢ଼ିଥିଲେ । ଉଦାହରଣ ସ୍ୱରୂପ ମିନାରତୁଲ୍ ମସିହ୍‌ର ନିର୍ମାଣ ପାଇଁ ଯେତେବେଳେ ଘୋଷଣା କରାଗଲା ଆପଣ ବହୁତ ଗୁଡିଏ ତହେରିକ୍‌ର ଘୋଷଣା କରୁଥିଲେ । ଲିଟ୍ରେଚର୍‌ର ପ୍ରକାଶ ପାଇଁ ଏବଂ ଅନ୍ୟାନ୍ୟ କାରଣମାନ ପାଇଁ ସେହିପରି ମିନାରାତୁଲ୍ ମସିହ୍ ପାଇଁ ମଧ୍ୟ ଯେବେ ଆପଣ ତହେରିକ୍ କଲେ ମୁନ୍‌ଶି ଅବ୍‌ଦୁଲ୍ ଅଜିଜ୍ ସାହେବ ପଟୁଆରୀ ଯେଉଁ କୁରୁବାନି କରିଥିଲେ ବରଂ ଦୁଇଜଣ ଲୋକ ଜଣେ ଅବ୍‌ଦୁଲ୍ ଅଜିଜ୍ ସାହେବ ଏବଂ ଆର ଜଣକ ଶାଦି ଖାନ୍ ସାହେବ ଙ୍କର ଚର୍ଚ୍ଚା କଲେ । ଆପଣ କହୁଛନ୍ତି କି ''ମୋ ଯମାଅତ୍‌ରେ ଦୁଇଜଣ ଏପରି ନୈଷ୍ଠିକ ବ୍ୟକ୍ତି ଉକ୍ତ କାର୍ଯ୍ୟ ପାଇଁ ଚାନ୍ଦା ଦେଇଛନ୍ତି ଯାହା ଅନ୍ୟ ସାଥିମାନଙ୍କ ପାଇଁ ବାସ୍ତବିକ୍ ଅନୁକରଣୀୟ । ତାଙ୍କ ଭିତରୁ ଜଣଙ୍କ ନାମ ମୁନ୍‌ଶି ଅବ୍‌ଦୁଲ୍ ଅଜିଜ୍ ଯିଏ ଗୁରୁଦାସ୍‌ପୁର୍‌ରେ ପଟୁଆରୀ ଅଛନ୍ତି । ସେ ନିଜେ ସ୍ୱଳ୍ପ ରୋଜଗାର କରୁଥିଲେ ମଧ୍ୟ ୧୦୦ ଟଙ୍କା ଏହି କାର୍ଯ୍ୟପାଇଁ ଚାନ୍ଦା ଦେଇଛନ୍ତି ଏବଂ ମୁଁ ଭାବୁଛି ଯେ ଏହି ୧୦୦ ଟଙ୍କା ତାଙ୍କର ବହୁତ ବର୍ଷର ଜମା ପୁଞ୍ଜି ହୋଇଥିବ'' । ପୁଣି କହିଲେ ''ଏହା ଏଥିପାଇଁ ପ୍ରଶଂସାଯୋଗ୍ୟ ଯେ ବର୍ତମାନ ସେ ଆଉଗୋଟିଏ କାମ ପାଇଁ ୧୦୦ ଟଙ୍କା ଚାନ୍ଦା ଦେଇ ସାରିଛନ୍ତି'' । ପୁଣି କହିଲେ ''ଅନ୍ୟ ନୈଷ୍ଠିକମାନେ ଯେଉଁମାନେ ଏହି ସମୟରେ ବହୁତ ସାହାସ ଦେଖାଇଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ହେଲେ ମିଆଁ ଶାଦି ଖାନ୍ ଲକ୍‌ଡ଼ି ଫରୋଶ୍ ସିୟାଲ୍‌କୋଟ୍ ନିବାସୀ । ଏବେ ସେ ଗୋଟିଏ କାର୍ଯ୍ୟ ପାଇଁ ୧୫୦ ଟଙ୍କ ଚାନ୍ଦା ଦେଇସାରିଥିଲେ ପୁଣି ବର୍ତମାନ ଏହି କାର୍ଯ୍ୟପାଇଁ ୨୦୦ ଟଙ୍କା ପଠାଇ ଦେଇଛନ୍ତି । ଏବଂ ସେ ଏପରି ଇଶ୍ୱର ବିଶ୍ୱାସୀ ଯେ ଯଦି ତାଙ୍କ ଘରର ପ୍ରତ୍ୟେକ ଆସବାବ ପତ୍ରକୁ ଏକତ୍ରିତ କରି ରଖାଯାଏ ତା'ହେଲେ ସବୁତକ ସମ୍ପତି ୫୦ ଟଙ୍କାରୁ ଅଧିକ ହେବନାହିଁ'' । ପୁଣି କହିଲେ ''ସେ ଲେଖିଛନ୍ତି ଯେ ଯେହେତୁ ବର୍ତମାନ ମରୁଡ଼ି ପଡ଼ିଛି ଏବଂ ବ୍ୟବସାୟରେ ମାନ୍ଦା ଦେଖାଯାଉଛି

ତେଣୁ ଏହା ଉତମ ଅଟେ ଯେ ଆମ୍ଭେ ଧାର୍ମିକ ବ୍ୟବସାୟ କରିନେବା ଉଚିତ୍ । ସେଥିପାଇଁ ଯାହା କିଛି ନିଜ ପାଖରେ ଥିଲା ସବୁତକ ପଠେଇଦେଲେ । ***(ଉଦ୍ଧୃତ ମଯମୁଆ ଇସ୍ତେହାରାତ୍, ଖଣ୍ଡ-୩, ପୃଷ୍ଠା-୩୧୪-୩୧୫)***

ଏପରି ଅନେକ ଲୋକଙ୍କ ଉଦାହରଣ ହଜୁର ଆ.ସ ନିଜ ପୁସ୍ତକ ଓ ମଲଫୁଜାତରେ ଦରଜ କରିଛନ୍ତି ଯେଉଁମାନେ କି ନିଜର ଆବଶ୍ୟକତାକୁ ପଛରେ ପକାଇ ଧର୍ମ ମାର୍ଗରେ ବଢିଚଢି କୁରବାନି କରିଥିଲେ । ହଜରତ ମସିହ ମଉଦ ଆ.ସଙ୍କ ଜମାଅତର ସଦସ୍ୟମାନଙ୍କୁ କୁରବାନି କରିବାର ଏଭଳି ସ୍ୱାଦ ଲାଗିଲା ଯେ ପିଢୀ ପରେ ପିଢୀ କୁରବାନି କରିଚାଲିଛନ୍ତି । ଏପରିକି ଦୂର ଦୂରାନ୍ତରରୁ ଆସି ଯେଉଁମାନେ ଜମାଅତରେ ସାମିଲ ହେଉଛନ୍ତି, ସେମାନେ ମଧ ଉକ୍ତ ଗୁରୁଜନମାନଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ଅଲ୍ଲାଃତାଲାଙ୍କ ବାର୍ତା ଶୁଣି ବଳିଦାନର ମର୍ମ ବୁଝି ଏପରି ଉଦାହରଣ ସୃଷ୍ଟି କରୁଛନ୍ତି ଯେ, ଆନ୍ୟମାନେ ଆଚମ୍ବିତ ରହିଯାଉଛନ୍ତି । ସେମାନଙ୍କର ଏଥିପ୍ରତି ଚିନ୍ତା ନଥାଏ କି ଆମର ଏହି ସାଧାରଣ ବଳିଦାନରେ (ଜମାଅତର) କଣ ଫରକ୍ ପଡ଼ିବ ବରଂ ସେମାନଙ୍କ ସମ୍ମୁଖରେ ଅଲ୍ଲାଃଙ୍କ ଏହି ଆଦେଶ ରହିଥାଏ କି ଓ୍ୱ ମସଲୁଲ୍ ଲଜିନା ୟୁନ୍‌ଫିକୁନା ଅମ୍‌ଓାଲହୁମୁବ୍ ତିଗାଆ ମର୍‌ଯାତିଲ୍ଲାହି ଓ୍ୱ ତସ୍‌ବିତାମ୍ ମିନ୍ ଅନ୍‌ଫୁସିହିମ୍ କମସଲି ଜନ୍ନତିମ୍ ବିରବ୍‌ଓ୍ୱାତିନ୍ ଅସାବହା ଓ୍ୱାବିଲୁନ୍ ଫାଆତତ୍ ଉକୁଲହା ଜିଫଏନ୍ ଫଇନ୍ ଲାମ୍ ୟୁସିବ୍‌ହା ଓ୍ୱବିଲୁନ୍ ଫତଲ୍ । ଓ୍ୱଲ୍ ଲାହୁ ବିମା ତାମଲୁନା ବସିର୍ ***(ଅଲ୍‌ବକ୍‌ରା : ଆୟତ୍ ନଂ-୨୬୬)*** ଅର୍ଥାତ- ଯେଉଁମାନେ ଅଲ୍ଲାଃଙ୍କ ପ୍ରୀତିଭାଜନ ହେବା ପାଇଁ ଓ ନିଜକୁ ସୁଦୃଢ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି, ସେମାନଙ୍କ ବ୍ୟୟର ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନର ଅବସ୍ଥା ସଦୃଶ ଯେଉଁଠାରେ ବହୁଳ ବୃଷ୍ଟିପାତ ହେଲେ ତାହା ଦୁଇ ଗୁଣ ଫଳ ଦିଏ ଏବଂ ବହୁଳ ବୃଷ୍ଟି ନହେଲେ ଅଳ୍ପ ବୃଷ୍ଟି ହିଁ ଯଥେଷ୍ଟ । ତୁମେମାନେ ଯାହା କରୁଅଛ ଅଲ୍ଲାଃ ତାହା ଦେଖୁଅଛନ୍ତି ।

ସୁତରାଂ ଗରିବ ଲୋକମାନଙ୍କ କୁରବାନୀ ଶିଶିର ସଦୃଶ ଏବଂ ସେହି ସ୍ୱଳ୍ପ ଆଦ୍ରତା ଯାହାକି ସେମାନଙ୍କ ବଳିଦାନ ଦ୍ୱାରା ଧର୍ମର ଉଦ୍ୟାନକୁ ପ୍ରାପ୍ତ ହୋଇଥାଏ ତାହା ଅଲ୍ଲାଃଙ୍କ କୃପାରୁ ଅସୀମିତ ଫଳ ଆଣିଥାଏ । ଆମେ ଦେଖୁଅଛୁ ଯେ, ଆମର ଗୋଟିଏ ଗରିବ ଜମାଅତ ହେବା ସତ୍ତ୍ୱେ ଏହା ପୃଥିବୀର କୋଣେ କୋଣେ ଇସଲାମର ପ୍ରଚାର ଓ ମାନବ ସେବା କାର୍ଯ୍ୟରେ ସର୍ବଦା ତତ୍‌ପର । ଅଲ୍ଲାଃତାଲା ମଧ ଆମ କାର୍ଯ୍ୟରେ ଏଭଳି ବିଭୂତି ପ୍ରଦାନ କରୁଛନ୍ତି ଯେ ସଂସାରବାସୀ ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି କି ଏଭଳି ସ୍ୱଳ୍ପ ଓ ସୀମିତ ସମ୍ବଳ ଦ୍ୱାରା ତୁମେ କିଭଳି ଏତେ କାର୍ଯ୍ୟ ସମ୍ପାଦନ କରିପାରୁଛ । ଏହା ଏଥିପାଇଁ ସମ୍ଭବ ହେଉଛି କି ଏହି ବଳିଦାନକାରୀମାନେ ସେମାନଙ୍କ ମଧ୍ୟରେ ସାମିଲ ହେବା ପାଇଁ ଚେଷ୍ଟା କରୁଛନ୍ତି ଯାହାର ଉଦାହରଣ ଅଲ୍ଲାଃ ଉପରୋକ୍ତ ପକ୍ତିଂରେ ଦର୍ଶାଇଛନ୍ତି **ୟୁନ୍‌ଫିକୁନା ଅମ୍‌ଓାଲହୁମୁବ୍ ତିଗାଆ ମର୍‌ଯାତିଲ୍ଲାହି** ଅର୍ଥାତ ଯେଉଁମାନେ ଅଲ୍ଲାଃଙ୍କ ପ୍ରୀତିଭାଜନ ହେବା ପାଇଁ ଓ ନିଜକୁ ସୁଦୃଢ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି । ଯେତେବେଳେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ମୂଳ ଲକ୍ଷ ଥାଏ, ସେତେବେଳେ ଏପରି ବଳିଦାନର ଫଳ ଓ ବିଭୂତି ମଧ ଅସୀମିତ ଆସିଥାଏ । ଯେପରିକି ମୁଁ କହିଲି ଆଜି ମଧ ଅହେମଦିମାନେ ଅଗଣିତ ନମୁନା ସୃଷ୍ଟି କରୁଛନ୍ତି । ସେଥିମଧ୍ୟରୁ କିଛିର ଚର୍ଚ୍ଚା କରୁଅଛି ।

କାଦିଆନଠାରୁ ସହସ୍ର ମାଇଲ୍ ଦୂରରେ ରହୁଥିବା ଜଣେ ପିଲା ଅହେମଦି ହେବା ପରେ ତାହାର ଚିନ୍ତାଧାରାରେ କିଭଳି ପରିବର୍ତନ ଘଟିଛି ଓ ବଳିଦାନର ଅର୍ଥ ସେ କିଭଳି ବୁଝିଛି ତାହାରି ଭାଷରେ ଶୁଣନ୍ତୁ । ସେହି ପିଲାଟି ୟୁଗାଣ୍ଡା ଦେଶର ଓ ଜଣେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ । ସେ କୁହେ ବିଗତ ବର୍ଷ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ମୋର କିଛି ଜିନିଷର ଆବଶ୍ୟକତା ଥିଲା କିନ୍ତୁ ସେଥିପାଇଁ ମୋ ନିକଟରେ ଯଥେଷ୍ଟ ଅର୍ଥ ନଥିଲା ଏବଂ ମୋର ଚନ୍ଦା ମଧ ଦେବାର ଥିଲା । ସୁତରାଂ ମୋ ନିକଟରେ ଥିବା ରାଶୀ ଚନ୍ଦାରେ ଦେଇଦେଲି ଏବଂ ମୋର ପୂର୍ଣ୍ଣ ବିଶ୍ୱାସ ଥିଲା କି ଅଲ୍ଲାଃତାଲା ନିଶ୍ଚୟ ମୋର ସାହାର୍ଯ୍ୟ କରିବେ । ଚନ୍ଦା ପ୍ରଦାନ କରି ମୁଁ ପୂର୍ଣ୍ଣ ଆଶ୍ୱସ୍ତି ଅନୁଭବ  କରୁଥିଲି । ଏକ ମାସ ପରେ ବିଶ୍ୱବିଦ୍ୟାଳୟ ଖୋଲିବାକୁ ତିନି ଦିନ ଥିଲା କି ମୋର ଜଣେ ମାଇଁ ମୋ ମାଙ୍କୁ ଫୋନ୍ କରି ପଚାରିଲେ କି ଝିଅ କେବେ ବିଶ୍ୱବିଦ୍ୟାଳୟ ଯିବ । ତାପରେ ସେ ମୋତେ ନିଜ ଘରକୁ ନିମନ୍ତ୍ରଣ କଲେ । ସଂନ୍ଧ୍ୟାରେ ମୁଁ ତାଙ୍କ ଘରୁକୁ ଗଲି ସେତେବେଳେ ସେ ମୋତେ କିଛି ଟଙ୍କା ପ୍ରଦାନ କଲେ ଯାହାକି ମୋ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଠାରୁ ଢେର ଗୁଣ ଅଧିକ ଥିଲା ଏବଂ ଯେଉଁ ରାଶୀ ଚନ୍ଦାରେ ଦେଇଥିଲି ତାଠାରୁ ଦଶ ଗୁଣ ଅଧିକ ଥିଲା । ଏପରି ଅଲ୍ଲାଃ ମୋ ଦୁଆ ସ୍ୱୀକାର କରି ଏପରି ସ୍ଥାନରୁ ମୋର ସାହାର୍ଯ୍ୟ କଲେ ଯେଉଁଠାରୁ ଆସିବାର ମୁଁ କଳନା ହିଁ କରିନଥିଲି ।

ପୁଣି ଭାରତ ବର୍ଷର ଏକ ରାଜ୍ୟ କେରଳର ମଞ୍ଜେରୀ ଜମାଅତର ଜଣେ ସଦସ୍ୟଙ୍କ ସମ୍ବନ୍ଧରେ ସେଠାକାର Inspecter ଶ୍ରୀମାନ କମରୁଦ୍ଦିନ ସାହେବ ଲେଖିଛନ୍ତି, ଉକ୍ତ ବ୍ୟକ୍ତି ଜଣକ ଭ୍ୟାକସିନ୍‌ର କାରବାର କରନ୍ତି । ତାଙ୍କ ନିକଟକୁ ଆମେ ଓ୍ୱକଫେ୍ ଜଦିଦ୍ ଚନ୍ଦା ଆଦାୟ କରିବାକୁ ଗଲୁ, ସେ କହିଲେ ମୋର ଅନେକ ଟଙ୍କା ଅଟକି ରହିଯାଇଛି । ଯଦ୍ୱାରା ମୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି । ଏପରି ଅବସ୍ଥା ସତ୍ତ୍ୱେ ସେ ଏକ ବଡ଼ ଧରଣର ଚେକ୍ କାଟି ପ୍ରଦାନ କରି କହିଲେ ବର୍ତମାନ ତ ଆକାଉଣରେ ଏହି ପରିମାଣର ଅର୍ଥ ନାହିଁ । ଦୁଆ କରିବେ ଅଧମ ଶିଘ୍ର ଏହାର ପରିଶୋଧ କରିଦେବ । ସେ କୁହନ୍ତି ତାପର ଦିନ ତାଙ୍କର ଫୋନ୍ ଆସିଲା କି ଆପଣଙ୍କୁ ଚେକ୍ ଦେବା ପରେ ମୋ ଆକାଉଣକୁ ବେଶ୍ ଅଧିକ ରାଶି ଆସିଗଲା । ତେଣୁ ଆପଣ ସେହି ଚେକ୍‌ଟିକୁ Cash କରିନିଅନ୍ତୁ । ସେ ଆହୁରି କହିଲେ କି ଏସବୁ ଚନ୍ଦା ଦେବାର ବରକତ୍ ଯଦ୍ୱାରା ଏତେ ଶିଘ୍ର ଅଲ୍ଲାଃତାଲା ଏପରି ବ୍ୟବସ୍ଥା କରିଦେଲେ । ପୂର୍ବ ଆଫ୍ରିକାର ଏକ ଦେଶ ତାଞ୍ଜାନିଆର ନିବାସୀ ଜଣେ ବିଧବା ମହିଳାଙ୍କ ସମ୍ବନ୍ଧରେ ସେଠାକାର ଅମିର ସାହେବ ଲେଖିଛନ୍ତି କି ଅଓ୍ୱରାଙ୍ଗା ଟାଉନ୍‌ର ମୌଲମ୍ ସାହେବ ଉକ୍ତ ମହିଳା ଶ୍ରୀମତି ଆମିନାଙ୍କ ନିକଟକୁ ଓକଫେ୍ ଜଦିଦ୍ ଚନ୍ଦା ଆଦାୟ କରିବାକୁ ଗଲେ କିନ୍ତୁ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହିଲେ ବର୍ତମାନ ତ ମୋ ନିକଟରେ କିଛି ନାହିଁ । ଯେତେବେଳେ କିଛି ବ୍ୟବସ୍ଥା ହୋଇଯିବ ମୁଁ ସ୍ୱୟଂ ଆପଣଙ୍କ ନିକଟରେ ଉପସ୍ଥିତ ହୋଇଯିବି । ସେଠାରୁ ଫେରି ମୌଲମ୍ ସାହେବ ନିଜ ଘରେ ପହଂଚି ନଥିଲେ ଯେ, ଉକ୍ତ ମହିଳା ଜଣକ ୧୦ହଜାର ସିଲନଙ୍ଗ୍ ନେଇ ହାଜର ହୋଇଗଲେ ଓ କହିଲେ କୌଣସି ସ୍ଥାନରୁ ଏହି ରାଶି ଆସିଗଲା । ତେଣୁ ମୁଁ ଚିନ୍ତା କଲି କି ନିଜର ଆବଶ୍ୟକତା ପରେ ପୂରଣ କରିନେବି ପ୍ରଥମେ ଚନ୍ଦା ଦେଇ ଆସେ । ସେ କହିଲେ ମୁଁ ୨୫ହଜାର ଦେବାର ପ୍ରତିଶୃତୀ କରିଥିଲି, ତେଣୁ ବାକି ୧୫ ହଜାର ଯୋଗାଡ଼ ହେବା ସଙ୍ଗେ ସଙ୍ଗେ ଆସି ପ୍ରଦାନ କରିଯିବି । ତାପରେ ସେ ଚାଲିଗଲେ, ଏହାର ୧୦ମିନିଟ୍ ପରେ ପୁନର୍ବାର ସେ ବାକି ରାଶି ନେଇ ଆସି କହିଲେ ଅଲ୍ଲାଃଙ୍କର ମୋ ସହ ଆଚରଣ ଦେଖନ୍ତୁ କି ତାଙ୍କ ମାର୍ଗରେ ୧୦ହଜାର ପ୍ରଦାନ କରି ମୁଁ ଘରେ ପହଂଚି ନଥିଲି ଯେ ସେ ମୋ ନିକଟକୁ ୩୫ହଜାର ସିଲନଙ୍ଗ୍ ପଠାଇଦେଲେ । ବର୍ତମାନ ସେଥିରୁ ୧୫ହଜାର ଚନ୍ଦା ଦେବା ପରେ ଅବଶିଷ୍ଟ ୨୦ହଜାର ନିଜର ଆବଶ୍ୟକତା ପୂରନ ନିମନ୍ତେ ବାକି ରହୁଛି । ଏହା କେବଳ ଅଲ୍ଲାଃଙ୍କ ପ୍ରଦତ ଓ ଚନ୍ଦା ଦେବାର ବରକତ ଅଟେ । ଏପରି ବିଶ୍ୱାସ ଦୃଢିଭୁତ ହୋଇଥାଏ ।

ପୁଣି ମଧ ଆଫ୍ରିକାର ଗୋଟିଏ ଦେଶ 'କଙ୍ଗୋ' ସେଠିକାର ଲୋକମାନଙ୍କ ମଧ୍ୟରେ କେଉଁ ପ୍ରକାର କୁର୍‌ବାନୀ ଅଛି ଏବଂ କେତେ କୁର୍‌ବାନୀ କରିବାର ରୁହୁ ଅଛି ତାର ଗୋଟିଏ ଦୃଷ୍ଟାନ୍ତ ମୁଁ ଦେଉଅଛି । ସେଠିକାର ମୁବଲିଗ୍ ରମିଜ୍ ସାହେବ୍ ଲେଖୁଛନ୍ତି କି କାଲୁ ମୁମ୍ବାଇ ଯମାତ୍‌ର ଜଣେ ଦାୟୀ ଇଲଲ୍ଲାଃ ସଇଦି ସାହେବ ଆଖପାଖର ୫ଟି ଯମାତର ଦୌରା କରନ୍ତି ଏବଂ ତବ୍‌ଲିଗ୍ ମଧ କରନ୍ତି । ଆଜିକାଲି ସେହି ଦେଶର ଅବସ୍ଥା ଖରାପ ଅଛି ଏବଂ ସୁକ୍ୟୁରିଟିର ଅବସ୍ଥା ଠିକ୍ ନଥିବା ସତ୍ତ୍ୱେ ସେ ନିଜ ଇଲାକାର ପ୍ରତ୍ୟେକ ଯମାତ୍‌ର ଦୌରା କଲେ । ଖରାପ୍ ଅବସ୍ଥା ସତ୍ତ୍ୱେ ମଧ ପୁନ୍ୟ ହାସଲ କରିବା ପାଇଁ ନିଜ ହାତରୁ ପଇସା ଖର୍ଚ୍ଚ କରି ଦୌରା କଲେ । ଏହିପରି ଦୌରାରେ ସେ ୫୩୦୦୦ ଓ୍ୱକ୍‌ଫେଯଦିଦ୍ ଚନ୍ଦା ଏକତ୍ରିତ କରିଲେ । ସେ କହିଲେ ଯେ ମୁଁ ଜଣେ ପୁରୁଣା ଅହେମଦୀ ଏବଂ ମତେ ଯୁବକମାନଙ୍କ ପାଇଁ ନମୁନା ହେବାକୁ ପଡ଼ିବ । ଏବେ ଭାବନ୍ତୁ ସେଠିକାର ପୁରୁଣା ଅହେମଦୀ କେତେବର୍ଷର ପୁରୁଣା ହୋଇଥିବେ ? ଅଧିକରୁ ଅଧିକ ୧୫-୨୦ ବର୍ଷ ହୋଇଥିବ । ତାଙ୍କର ବୟସ ୬୦ବର୍ଷରୁ ଅଧିକ । କିନ୍ତୁ ବହୁତ ପରିଶ୍ରମ କରି ପ୍ରଥମତଃ ତବ୍‌ଲିଗ୍‌ର କାର୍ଯ୍ୟ କରୁଛନ୍ତି । ଦ୍ୱିତୀୟତଃ ତତ୍‌ସହିତ ଚନ୍ଦା ପାଇଁ ଲୋକଙ୍କର ଧ୍ୟାନ ଆକର୍ଷଣ କରୁଛନ୍ତି । ଏପରି କାର୍ଯ୍ୟ କରିବାର ଆତ୍ମା ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପରେ ସେମାନଙ୍କ ମଧ୍ୟରେ ଜନ୍ମ ହୋଇଛନ୍ତି । ଦୂର ଦୁରାନ୍ତ ଇଲାକାରେ ରହୁଛନ୍ତି । ଯେଉଁ ଇଲାକାରେ ସଡ଼କର ବ୍ୟବସ୍ଥା ନାହିଁ ବରଂ ସେଠାରେ ସଡ଼କ ମଧ ନାହିଁ । ଅଧିକତଃ ପାଣିର ଇଲାକା । ସେଥିପାଇଁ ଡ଼ଙ୍ଗାରେ ସଫର୍ କରାଯାଏ ଏବଂ ବହୁତ ବଡ଼ ବଡ଼ ରାସ୍ତା ଡ଼ଙ୍ଗା ଦ୍ୱାରା ଅତିକ୍ରମ କରାଯାଏ ।

ପୁଣି ପଶ୍ଚିମ ଆଫ୍ରିକାର ଦେଶ ବେନିନ୍‌ର ଜଣେ ଅହେମଦିଙ୍କ ନମୁନା ଦେଖନ୍ତୁ । ଯାହାଙ୍କ ଅହେମଦି ହେବାକୁ ବର୍ଷେ ମଧ୍ୟ ପୁରି ନାହିଁ କିନ୍ତୁ ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବାର ମର୍ମ ସେ ଏପରି ବୁଝିଛନ୍ତି ଓ ସେଥିରେ ତାଙ୍କର ସ୍ତର ଏତେ ଉର୍ଦ୍ଧ୍ୱରେ ରହିଛି କି ତାହା ପୁରୁଣା ଅହେମଦିଙ୍କ ପାଇଁ ମଧ୍ୟ ଉଦାହରଣ ଅଟେ । ସେଠାକାର ମୌଲବି ମୁଜଫର୍ ସାହେବ ଲେଖିଛନ୍ତି କରତୋନି Rigionରେ ଗୋଟିଏ ଗ୍ରାମ ଡ଼ିକାମ୍ବେରେ ଚଳିତ ବର୍ଷ ଜମାଅତର ପ୍ରତିଷ୍ଠା ହେଲା । ସେଠାକାର ଲୋକେ ମାଛ ଧରି, ବିକ୍ରି କରି ନିଜର ଗୁଜୁରାଣ ମେଂଟାନ୍ତି । ସେଠାକାର ମୌଲବି ସାହେବ ଗ୍ରାମବାସୀଙ୍କୁ ଚନ୍ଦା ଦେବାକୁ ପୋତ୍ସାହିତ କରିବାରୁ ଜଣେ ବନ୍ଧୁ ଯାହାଙ୍କ ଆର୍ଥିକ ଅବସ୍ଥା ଅତି ଦୁର୍ବଳ ଅଟେ । ସେ ସଙ୍ଗେ ସଙ୍ଗେ ଉକ୍ତ ଯୋଜନାରେ ସାମିଲ ହୋଇ ଏକ ହଜାର ଫ୍ରାଙ୍କ ପ୍ରଦାନ କରି କହିଲେ ମୋର ଆର୍ଥିକ ଅବସ୍ଥା ଭଲ ନାହିଁ କିନ୍ତୁ ମୁଁ ପସନ୍ଦ କଲି ନାହିଁ କି ଯେଉଁ ଜମାଅତରେ ମୁଁ ଅନ୍ତର୍ଭୁକ୍ତ ହୋଇଛି, ତାହାର କୌଣସି ଘୋଷଣାରେ ସାମିଲ ନହୋଇ ରହିଯାଏ ।

ପୁଣି ଖିଲାଫତ୍ ସହିତ ସମ୍ପର୍କ ଓ ଖୁତ୍‌ବାର ପ୍ରଭାବ ଲୋକଙ୍କ ଉପରେ କିପରି ପଡୁଛି ଏବଂ କୁର୍‌ବାନୀ କରିବା ପାଇଁ ତାଙ୍କର କିପରି ଧ୍ୟାନ ଆକର୍ଷଣ ହେଉଛି ଯାହାର ଦୃଷ୍ଟାନ୍ତ ପଶ୍ଚିମ ଆଫ୍ରିକାର ଦେଶ ବୁର୍‌କିନା ଫାସୋର କିଛି ଯୁବକ ଦେଖାଇଛନ୍ତି । ଦେଖନ୍ତୁ ସେମାନଙ୍କୁ ଅହେମଦୀ ହେବାର ବେଶି ସମୟ ହୋଇନାହିଁ କିନ୍ତୁ ତାଙ୍କର ସ୍ଥାନ କ'ଣ ? ଅମିନ୍ ବେଲୁଚ୍ ସାହେବ ଯିଏ ସେଠିକାର ମୁବଲିଗ୍ ଅଛନ୍ତି ଲେଖୁଛନ୍ତି ଯେ ୩୦ ଡ଼ିସେମ୍ବର ୨୦୧୬ ଦିନ ଯାହା ପଛ ବର୍ଷର ଶେଷ ଖୁତ୍‌ବା ଥିଲା ଏବଂ ନୁଆ ବର୍ଷର ପ୍ରାରମ୍ଭ ନିମନ୍ତେ ଯେଉଁ ଖୁତ୍‌ବା ମୁଁ ଦେଇଥିଲି ତାହା ଶୁଣିକରି ବେନ୍‌ଫୁରା ରିଜିଅନ୍‌ର କିଛି ଯୁବକ ଯେଉଁମାନେ ନୁଆ ନୁଆ ଅହେମଦୀ ହୋଇଛନ୍ତି କିଛି ପୁରୁଣା ମଧ୍ୟ ଅଛନ୍ତି, ଖୁତ୍‌ବା ଶେଷ ହେବା ପରେ ତୁରନ୍ତ ଘରକୁ ଗଲେ ଏବଂ ଯାହା କିଛି ନୁଆ ବର୍ଷର ଉତ୍ସବ ପାଇଁ ଏକାଠି କରିଥିଲେ ସେ ସବୁକୁ ୱକ୍‌ଫେ ଯଦିଦ୍ ଚନ୍ଦାରେ ଦେଇଦେଲେ ଏବଂ କହିଲେ ଯେ ଯେହେତୁ ଖଲିଫା ଆମକୁ ନୁଆ ବର୍ଷ ପାଳିବା ପାଇଁ ଉପାୟ ବତାଇ ଦେଇଛନ୍ତି ସେଇଥି ପାଇଁ ଆମେ ଏହି ଟଙ୍କା ଚନ୍ଦାରେ ଦେଉଅଛୁ ଏବଂ ରାତିରେ ତହ୍‌ଜୁଦ୍ ନମାଜ ପାଠ କରି ନୁଆ ବର୍ଷ ପାଳନ କରିବୁ । ଏହିପରି ସେହିଦିନ ସେମାନେ ପାଖାପାଖି ୭୬ ହଜାର ଫ୍ରାଙ୍କ୍ ସିଫା ଚନ୍ଦାରେ ଦେଇଦେଲେ ।

ପୁଣି ପଶ୍ଚିମ ଆଫ୍ରିକାର ଆଉ ଗୋଟିଏ ଦେଶ ଆଇଭରି କୋଷ୍ଟ୍‌ର ଗୋଟିଏ ଛୋଟିଆ ଗାଁରେ ନୁଆ ଯମାତ୍‌ର ଲୋକମାନଙ୍କ କୁର୍‌ବାନୀ ଦେଖନ୍ତୁ । ସେଠିକାର ବୁଆ କେ ରିଜନ୍‌ର ମୁଅଲିମ୍ ମାମାଦୁ ସାହେବ ଲେଖୁଛନ୍ତି କି ଆମ ରିଜନ୍‌ର ଗୋଟିଏ ଗ୍ରାମ ନିଆଭୋଗୁର ଲୋକମାନେ ଏହିବର୍ଷ ଯମାତ୍ ଅହେମଦୀୟାରେ ସାମିଲ୍ ହୋଇଛନ୍ତି । କହୁଛନ୍ତି ମୁଁ ଏହି ଗ୍ରାମର ନୌ ମୁବାଇନ୍‌ଙ୍କୁ ୱକ୍‌ଫେ ଯଦିଦ୍‌ରେ ଓ ଜଲ୍‌ସା ସାଲାନାରେ ସାମିଲ୍ ହେବା ପାଇଁ ତହ୍‌ରିକ୍ କରିଲି । ସେମାନଙ୍କୁ ବତାଇଲି ଯେ ଖଲିଫା ଆମକୁ ଏହା କହିଛନ୍ତି କି ପ୍ରତ୍ୟେକ ଅହେମଦୀ ୱକ୍‌ଫେ ଯଦିଦ୍ ଓ ତହ୍‌ରିକେ ଯଦିଦ୍‌ରେ ସାମିଲ୍ ହୁଅନ୍ତୁ । ସେ କହୁଛନ୍ତି ଯେ ମୁଁ ଭାବିଥିଲି ଆଶାକରେ କିଛି ଲୋକ ଅଳ୍ପ କିଛି ଚନ୍ଦା ଦେବେ କାରଣ ସେଠି ବହୁତ ଗରିବ ଲୋକ ଅଛନ୍ତି । କିନ୍ତୁ ପରିସ୍ଥିତି ଏହାର ଓଲଟା ହେଲା । ସେହି ଗ୍ରାମର ପାଖାପାଖି ପ୍ରତ୍ୟେକ ଲୋକ ନିଜର ୱକ୍‌ଫେ ଯଦିଦ୍ ଚନ୍ଦା ପ୍ରଦାନ କଲେ ବରଂ ଜଣେ ସାଥି ନାଁ କେବଳ ୱକ୍‌ଫେ ଯଦିଦ୍ ଦେଲେ ବରଂ ୬୦୦କି.ମି. ସଫର୍ କରି ଜଲ୍‌ସା ସାଲାନାରେ ସାମିଲ୍ ମଧ୍ୟ ହେଲେ ।

ପୁଣି କୁର୍‌ବାନୀର ଆଉ ଗୋଟିଏ ଦୃଷ୍ଟାନ୍ତ ଓ ଅଲ୍ଲାଃତାଲାଙ୍କର ବ୍ୟବହାର ମଧ୍ୟ ଦେଖନ୍ତୁ । ତଞ୍ଜାନିଆରୁ ୟୁସୁଫ୍ ଉସ୍‌ମାନ୍ ସାହେବ ମୁବଲିଗ୍ ଲେଖୁଛନ୍ତି ଯେ ଜଣେ ଅହେମଦୀ ଭାଇ ଯାହାଙ୍କ ଗୋଡ଼ ଅକ୍ଷମ ଅଟେ ଏବଂ ସେହି ଅକ୍ଷମତା ଯୋଗୁଁ କୌଣସି କାର୍ଯ୍ୟ କରିପାରୁନାହାଁନ୍ତି ତଞ୍ଜାନିଆର ପ୍ରତ୍ୟେକ ଜାଗାରେ ଏ ପର୍ଯ୍ୟନ୍ତ ବିଜୁଳିର ବ୍ୟବସ୍ଥା ମଧ୍ୟ ନାହିଁ । ସେଥିପାଇଁ କିଛି ଲୋକ ଛୋଟ ଛୋଟ ସୋଲାର୍ ପ୍ୟାନେଲ୍ ଦ୍ୱାରା ନିଜ ଘରର ଗୋଟିଏ ଅଧେ ବଲ୍‌ବ ଜଳାଇବାର ଆୟୋଜନ କରିଥାନ୍ତି । ଆମର ଏହି ଅହେମଦୀ ଭାଇ ଜଣଙ୍କ ମଧ୍ୟ ଗୋଟିଏ ଛୋଟ ସୋଲାର ପ୍ୟାନେଲ୍ ଆଣି ଲୋକଙ୍କ ମୋବାଇଲ୍ ଚାର୍ଜ କରି ଗୁଜୁରାଣ ମେଂଟାନ୍ତି ଏବଂ ଯାହା ଅଳ୍ପ କିଛି ଆମଦାନୀ ହୁଏ ତା ମୁତାବକ ଚନ୍ଦା ମଧ୍ୟ ପ୍ରଦାନ କରନ୍ତି । ଦିନେ ଆମର ମୁଅଲିମ୍ ସାହେବ ତାଙ୍କୁ ଚନ୍ଦା ଦେବାପାଇଁ ଧ୍ୟାନ ଆକର୍ଷଣ କରାଇଲେ । ସେ କହିଲେ ଯେ ମୋତେ ବିଗତ ଦୁଇ ଦିନ ମଧ୍ୟରେ ୨୦୦୦ ଶିଲଂ ଆମଦାନୀ ହୋଇଛି । ମୁଁ ଅଲ୍ଲାଃତାଲାଙ୍କ ରାସ୍ତାରେ ଏହାକୁ ପ୍ରଦାନ କରିଦେବି । ମୁଅଲିମ୍ ସାହେବ ତାଙ୍କୁ କହିଲେ ଯଦି ତୁମେ ଏହାକୁ ସବୁ ଚନ୍ଦା ଦେଇଦେବ ତାହାହେଲେ ଘରେ ପିଲାଙ୍କୁ କଣ ଖୁଆଇବ ? କହିଲେ ଅଲ୍ଲାଃତାଲା ରଜାକ୍ ଅଟନ୍ତି । ସେ ନିଜେ ହିଁ ସବୁ ବ୍ୟବସ୍ଥା କରିଦେବେ । ସୁତରାଂ ମୁଅଲିମ୍ ସାହେବ୍ କହୁଛନ୍ତି ଯେ ଏବେ ଏବେ ମୁଁ ଚନ୍ଦାର ରସିଦ୍ କାଟିଥିଲି ସେହି ସମୟରେ ବହୁତ ଗୁଡିଏ ଲୋକ ମୋବାଇଲ୍ ଚାର୍ଜ କରିବା ପାଇଁ ତାଙ୍କ ପାଖକୁ ଆସିଗଲେ ଏବଂ ତାଙ୍କର ଉକ୍ତ ଚନ୍ଦାଠାରୁ ଅଧିକ ଆମଦାନୀ ହୋଇଗଲା । ଏହା ଦେଖି ଅହେମଦୀ ଭାଇ ଜଣଙ୍କ ମୁଅଲିମ୍ ସାହେବଙ୍କୁ କହିଲେ ଯେ ଆପଣ ଦେଖିଲେ ଆପଣ ଦେଖିଲେ ଅଲ୍ଲାଃତାଲା ଚନ୍ଦା ପ୍ରଦାନ କରିବା ଦ୍ୱାରା କେତେ ବର୍‌କତ୍ ଦେଲେ ଯେ ବର୍ତ୍ତମାନ ଉକ୍ତ ଚନ୍ଦାଠାରୁ ମଧ୍ୟ ଅଧିକ ଟଙ୍କା ଲେଉଟାଇଦେଲେ ।

ସିରିଆଲୋନ୍‌ରୁ ମୁନିର୍ ହୁସେନ୍ ସାହେବ ମୁବଲିଗ୍ ଲେଖୁଛନ୍ତି ଯେ ବୁଆଯେବୁର ଗୋଟିଏ ଯମାତ୍‌ର ଜଣେ ଅହେମଦୀ ସ୍ତ୍ରୀ ଲୋକ ୪୦୦୦ ଲିଓନ୍ ୱାଦା କରିଥିଲେ । ତାଙ୍କର ଆମଦାନୀର କୌଣସି ବିଶେଷ ଜରିଆ ନଥିଲା । ଗୋଟିଏ ଛୋଟ ବଗିଚା ଥିଲା ଯେଉଁଥିରେ ସେ କସାୱା ଲଗାଇଥିଲେ । ତାହା ଏକ ପ୍ରକାରର ଚାରାଗଛ ଅଟେ ଯାହାର ଶକରକନ୍ଦ୍ ପରି ଲମ୍ବା ମୂଳ ଥାଏ ଏବଂ ତାକୁ ଖିଆଯାଏ । ସେ ତାହା ବିକ୍ରି କରି ଗୁଜୁରାଣ ମେଂଟାନ୍ତି । ଯେତେବେଳେ ଚନ୍ଦା ଦେବାର ସମୟ ପାଖେଇ ଆସିଲା ସେକ୍ରେଟାରୀ ସାହେବ ଅସୁଲ୍ କରିବା ପାଇଁ ତାଙ୍କ ପାଖକୁ ଗଲେ । ସେ ଯାହାକିଛି ଚନ୍ଦା ପାଇଁ ଏକାଠି କରିଥିଲେ ତାହା ଗୋଟିଏ ପିଲା ସେଠାରୁ ନେଇଯାଇ ଖର୍ଚ୍ଚ କରିଦେଇଥିଲା । ଯଦ୍ୱାରା ସେ ବହୁତ ବିଚଳିତ ହୋଇଗଲେ । ଏବେ ଇମାନ୍‌ର ଅବସ୍ଥା ଦେଖନ୍ତୁ । ତାଙ୍କର ଗୋଟିଏ ପୁତ୍ର ମଦ ଦୋକାନରେ କାମ କରୁଥିଲେ । ଏହା ତାଙ୍କର ମଜ୍‌ବୁରି ଥିଲା ବା ତାଙ୍କର ବାସ୍ତବିକ୍ ଇମାନ୍ ଆସିନଥିଲା । ସେ କହିଲେ ମୁଁ ଏ ପଇସାକୁ ଦେଇ ଦେଉଛି । ଆପଣଙ୍କୁ ଉଦ୍ଧାର ଦେଉଛି । ସେଥିରେ ସ୍ତ୍ରୀ ଲୋକ ଜଣଙ୍କ ପ୍ରତ୍ୟାଖ୍ୟାନ୍ କରି କହିଲେ ଯେ ଏହି ଟଙ୍କା ହଲାଲ୍ ନୁହେଁ । ସେଥିପାଇଁ ଏଥିରେ ମୁଁ ଚନ୍ଦା ଦେଇପାରିବି ନାହିଁ । ଏହା ହେଉଛି ଇମାନ୍‌ର ସ୍ୱାଭିମାନ୍ । ପୁଣି ଅଲ୍ଲାଃତାଲାଙ୍କର ତାଙ୍କ ସହିତ ବ୍ୟବହାର ମଧ୍ୟ ଦେଖନ୍ତୁ । ଅଲ୍ଲାଃତାଲାଙ୍କର ସାନିଧ୍ୟ ପ୍ରାପ୍ତ କରିବା ମନୁଷ୍ୟର ଲକ୍ଷ୍ୟ ଅଟେ । କହୁଛନ୍ତି ସେହି ସମୟରେ ଜଣେ ଅଜଣା ବ୍ୟକ୍ତି ଆସିଲେ ଯାହାକୁ ସେ ଜାଣି ନଥିଲେ ସେ ବ୍ୟକ୍ତି ଜଣକ ତାଙ୍କୁ ୧୦୦୦୦ ଲିଓନ୍ ଦେଲେ । ସେ ୪୦୦୦ ଲିଓନ୍ ଚନ୍ଦା ଦେବା ବଦଳରେ ୧୦୦୦୦ ଲିଓନ୍ ଚନ୍ଦାରେ ଦେଇଦେଲେ ଏବଂ କହିଲେ ଯେ ଏହା କେବଳ ଚନ୍ଦା ଦେବାପାଇଁ ଅଲ୍ଲାଃତାଲା ମୋ ପାଖକୁ ପଠାଇଛନ୍ତି ଏବଂ ଆସନ୍ତା ବର୍ଷ ପାଇଁ ମଧ୍ୟ ସେ ୧୦୦୦୦ ଲିଓନ୍‌ର ଚନ୍ଦା ୱାଦା ଲିଖାଇଲେ ।

ସିରିୟାଲିଓନ୍‌ରୁ ଅକିଲ୍ ସାହେବ ମୁବଲିଗ୍ କହୁଛନ୍ତି ଯେ ବୁରିଜନ୍‌ର ଗୋଟିଏ ନୌମୁବାଏ ସାଥିଙ୍କ ବହୁତ ଦିନରୁ ଜାଗା ବାଡ଼ିର ହିସାବ ଜାରି ଥିଲ । ବିରୋଧି ଦଳ ବହୁତ ପ୍ରଭାବଶାଳୀ ଥିଲେ । କେଶ୍ ଜିତିବାର କୌଣସି ରାସ୍ତା ଦେଖାଯାଉନଥିଲା । ସେହି ସମୟରେ ସେ ମସ୍‌ଜିଦ୍‌ରେ ମାଲି କୁର୍‌ବାନୀର ବୈଶିଷ୍ଟ୍ୟ ବିଷୟରେ ଶୁଣିଲେ । ସେ କହୁଛନ୍ତି ଯେ ଯେତେବେଳେ ଏହା ମୁଁ ଶୁଣିଲି ମୁଁ ମନେ ମନେ ଭାବିଲି ଯେ ମୁଁ ମଧ୍ୟ ଚନ୍ଦା ଦେଇଦେବି । ଏହି ନୌମୋବାଏ ଜଣଙ୍କ ଖ୍ରୀଷ୍ଟିଆନ୍‌ରୁ ଅହେମଦୀ ହୋଇଛନ୍ତି । ହୋଇପାରେ ଯେ ଏହି ଚନ୍ଦାର ବର୍‌କତ୍‌ରୁ ମୋ ଜମି ବାଡ଼ିର ଫଇସଲା ହୋଇଯିବ । ତେଣୁ ସେ ନିଜ ସାମର୍ଥ୍ୟ ଅନୁସାରେ ଚନ୍ଦା ପ୍ରଦାନ କଲେ । ଏହାର କିଛି ଦିନ ପରେ କେଶ୍‌ର ଫଇସଲା ତାଙ୍କ ସପକ୍ଷରେ ଗଲା ଯାହା ସମ୍ଭବ ନଥିଲା । ଏ ସାଙ୍ଗ ଜଣକ କହୁଛନ୍ତି ଯେ ମୋର ବିଶ୍ୱାସ ସେ ଏହା ସବୁ ମାଲି କୁର୍‌ବାନୀର ବର୍‌କତ୍‌ରୁ ହିଁ ହେଲା ।

କଙ୍ଗୋ କନସାଶାର ମୁବଲିଗ୍ ଶାହିଦ୍ ସାହେବ ଲେଖିଛନ୍ତି– ଏଠାକାର ଜଣେ ମହିଳା ଛୋଟ ଆକାରର ବ୍ୟବସାୟ କରନ୍ତି । ବର୍ଷ ଆରମ୍ଭରେ ଦେଶର ଆର୍ଥିକ ଅବସ୍ଥା ଏପରି ଶୋଚନୀୟ ହୋଇ ପଡ଼ିଲା ଯେ ମନେହେଲା ବ୍ୟବସାୟରେ କିଛି ଲାଭ ହେବ ନାହିଁ । ସେହି ବର୍ଷ ଆରମ୍ଭରେ ହିଁ ସେ ୱକଫେ ଜଦିଦ୍‌ର ଚନ୍ଦା ପ୍ରଦାନ କରିଦେଇଥିଲେ ଏବଂ ତାଙ୍କର ଆଶା ଥିଲା କି ଅଲ୍ଲାଃଙ୍କ ନାମ ନେଇ ସେ ଯେଉଁ କାରବାର ଆରମ୍ଭ କରିଛି ତାହା କଦାପି କ୍ଷତିର ଶୀକାର ହେବ ନାହିଁ । ସେ କୁହନ୍ତି ଶେଷରେ ମୋ ବ୍ୟବସାୟରେ ଲାଭ ହେଲା ଏବଂ ଦେଶର ଶୋଚନୀୟ ଅବସ୍ଥା ସତ୍ତ୍ୱେ ମୋ ବ୍ୟବସାୟ ଉପରେ ତାହାର କୌଣସି ପ୍ରଭାବ ପଡ଼ିଲା ନାହିଁ ।

ପୁଣି ଅହେମଦିମାନଙ୍କ କୁରବାନୀ କରିବା ଅନ୍ୟମାନଙ୍କୁ କିପରି ପ୍ରଭାବିତ କରିଥାଏ ଓ ତାହା କିପରି ପ୍ରଚାରର ମାର୍ଗ ଖୋଲିଥାଏ, ସେଥିସମ୍ବନ୍ଧରେ ବଙ୍ଗଳା ଦେଶର ଅମିର ସାହେବ କୁହନ୍ତି ତିନି ଜଣ ଅଣଅହେମଦି ବନ୍ଧୁଙ୍କୁ ଆମର ଅନେକ କଥା ବୁଝାଇବା ସତ୍ୱେ ସେମାନେ ବୟତ କରିବା ପାଇଁ ଆଗ୍ରହ ପ୍ରକାଶ କରୁନଥିଲେ । ଗତ ଜୁମାରେ ସେମାନେ ଆମ ମସଜିଦ୍‌କୁ ଆସିଲେ । ସେତେବେଳେ ଇମାମ ସାହେବ (ଖୁତବାରେ) ୱକଫେ ଜଦିଦ୍ ସମ୍ବନ୍ଧରେ ଅହେମଦିମାନଙ୍କ ଧ୍ୟାନ ଆକର୍ଷିତ କରିବାରୁ, ଜୁମା ନମାଜ ପରେ ଅହେମଦିମାନେ ଚନ୍ଦା ଦେବା ନିମନ୍ତେ ଧାଡ଼ି ବାନ୍ଧି ଛିଡ଼ା ହୋଇଗଲେ । ଏହା ଦେଖି ସେମାନେ କହିଲେ ଚନ୍ଦା ଦେବା ପାଇଁ ଆମ ମୌଲବିମାନେ କହି କହି ନିଜ ଗଳା ଓ ତୁଣ୍ଡ ଶୁଖାଇ ଦେଉଛନ୍ତି ତଥାପି ମଧ୍ୟ ଆମ ଲୋକମାନେ ଚନ୍ଦା ଦେଉ ନାହାନ୍ତି କିନ୍ତୁ ଏଠାରେ ଏକ ସାଧାରଣ ଘୋଷଣାରେ ଲୋକମାନେ ଚନ୍ଦା ଦେବା ପାଇଁ ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି । ସେମାନେ କହିଲେ ଏହା ହିଁ ପ୍ରକୃତ ଇସଲାମ । ସୁତରାଂ ଉକ୍ତ ତିନି ବନ୍ଧୁ ବୟତ କରିନେଲେ ଓ ୱକଫେ୍ ଜଦିଦ୍‌ରେ ନିଜ ଚନ୍ଦା ମଧ୍ୟ ପ୍ରଦାନ କଲେ ।...

ହଜୁର ଅନଓ୍ୱର ଅ.ବ ପୃଥିବୀର ବିଭିନ୍ନ ଦେଶର ଅହେମଦିମାନଙ୍କ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିଥିବା ବିଶ୍ୱାସ ବର୍ଦ୍ଧକ ଘଟଣାର ଚର୍ଚ୍ଚା କରିବା ପରେ ରୀତି ମୁତାବକ ଜାନୁୟାରୀ ମାସର ପ୍ରଥମ ସପ୍ତାହରେ ୱକଫେ୍ ଜଦିଦ୍‌ର ନୂତନ ବର୍ଷର ଅର୍ଥାତ ୱକଫେ୍ ଜଦିଦ୍‌ର ୬୦ତମ ବର୍ଷର ଘୋଷଣା କଲେ । ହଜୁର କହିଲେ ରିର୍ପୋଟ ମୁତାବକ ଏହି ବିଭାଗରେ ବିଗତ ବର୍ଷ ମୋଟ ୮୦ଲକ୍ଷ ୨୦ହଜାର ପାଉଣ୍ଡ ଆଦାୟ ହୋଇଛି । ପୂର୍ବ ବର୍ଷ ଅପେକ୍ଷା ଏହି ରାଶୀ ୧୧ଲକ୍ଷ ୨୯ହଜାର ପାଉଣ୍ଡ ଅଧିକ ଅଟେ । ପୂର୍ବ ପରି ଏ ବର୍ଷ ମଧ୍ୟ ପାକିସ୍ତାନ ନିଜର ପ୍ରଥମ ସ୍ଥାନ ବଜାୟ ରଖିଛି । ସ୍ଥାନୀୟ କରେଂସି ହିସାବରେ ପଛ ବର୍ଷର ମୁକାବିଲାରେ ଏବର୍ଷ ଅଧିକା ଦେଇଥିବା ଦେଶମାନଙ୍କ ମଧ୍ୟରୁ ଘାନା ସର୍ବାଗ୍ରେ ଅଛି । ପଶ୍ଚିମ ଆଫ୍ରିକାର ଦେଶ ଘାନା ପୁଣି ଜର୍ମାନୀ, ପାକିସ୍ତାନ ଓ ପୁଣି କାନାଡ଼ା ଅଛନ୍ତି । ଆଫ୍ରିକିୟ ଦେଶମାନଙ୍କ ମଧ୍ୟରୁ ଯେଉଁଦେଶ ଗୁଡିକ ଯୋଗ୍ୟ ବିବେଚିତ କୁର୍‌ବାନୀ କରିଛନ୍ତି ସେ ହେଲେ ମାଲି, ବୁର୍କିନା ଫାସୋ, ଲାଇବେରିଆ, ସାଉଥ୍ ଆଫ୍ରିକା, ସିରିୟା ଲିଓନ୍ ଓ ବେନିନ୍ ।

ପାକିସ୍ତାନଙ୍କୁ ବାଦ ଦେଲେ ବାକି ପ୍ରଥମ ଦଶ ଗୋଟି ଦେଶ ମଧ୍ୟରେ ଇଂଲଣ୍ଡ ପ୍ରଥମ, ଜର୍ମାନୀ ଦ୍ୱିତୀୟ, ଆମେରିକା ତୃତୀୟ, କେନେଡ଼ା ଚତୁର୍ଥ, ଭାରତ ପଂଚମ, ଅଷ୍ଟ୍ରେଲିଆ, ମଧ୍ୟ ଏସିଆର ଏକ ଦେଶ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଏକ ଦେଶ, ଘାନା ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ତାପରେ ବେଲଜିୟମ୍ ଓ ସୁଇଜରଲ୍ୟାଣ୍ଡ ରହିଛନ୍ତି । ମୁଣ୍ଡ ପିଛା ଆଦାୟ ଅନୁଯାୟୀ ଆମେରିକା ପ୍ରଥମ, ସୁଜରଲ୍ୟାଣ୍ଡ ଦ୍ୱିତୀୟ, ଫିନ୍ ଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଫ୍ରାନସ୍, ଜର୍ମାନୀ, ଟିନେଡ଼ାଡ଼୍, ବେଲଜିୟମ୍, କେନେଡ଼ା ଆଦି କ୍ରମାନ୍ୱୟରେ ରହିଛନ୍ତି । ଇଂଲଣ୍ଡ ପ୍ରଥମ ସ୍ଥାନ ଅଧିକାର କରିବା ସତ୍ୱେ ମୁଣ୍ଡ ପିଛା ଆଦାୟରେ ପଛରେ ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ୱକଫେ ଜଦିଦ୍‌ରେ ୧୩ ଲକ୍ଷ ୪୦ହଜାର ଅହେମଦି ଚନ୍ଦା ପ୍ରଦାନ କରିଛନ୍ତି । ଯାହାକି ପୂର୍ବ ବର୍ଷ ଅପେକ୍ଷା ଏକ ଲକ୍ଷ ୫ ହଜାର ଅଧିକ ଅଟେ । ନୂତନ ଯୋଗଦାନକାରୀଙ୍କ ଅନୁସାରେ କେନେଡ଼ା ପ୍ରଥମ, ଭାରତ ଦ୍ୱିତୀୟ, ଇଂଲଣ୍ଡ ତୃତୀୟ, ଆଫ୍ରିକାର ଗିନୀ କନାକରି, କେମରୁନ, ଗେମ୍ବିଆ, ସିନିଗାଲ, ବେନିନ୍, ନାଇଜର, କଙ୍ଗୋ କନସାଶା, ବୁରକିନା ଫାସୋ, ତାଞ୍ଜାନିଆ ଆଦିରେ ବେଶ୍ ସ୍ୱାଗତଯୋଗ୍ୟ ପ୍ରଦର୍ଶନ କରିଛନ୍ତି ।...

Position ଅନୁସାରେ ଭାରତର ପ୍ରଥମ ଦଶ ଗୋଟି ରାଜ୍ୟ ଏପରି ଅଟନ୍ତି- କେରଳ, ଜମ୍ମୁ କଶ୍ମୀର, ତାମିଲନାଡୁ, କର୍ଣାଟକ, ଓଡ଼ିଶା, ପଶ୍ଚିମ ବଙ୍ଗ, ପଞ୍ଜାବ, ଉତର ପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର ଇତ୍ୟାଦି । ସେହିପରି ଭାରତର ଦଶ ଗୋଟି ଜମାଅତ ମଧ୍ୟରେ କରୋଲାଇ, କାଲିକଟ, ହାଇଦ୍ରାବାଦ, ପଥାପୁରମ୍, କାଦିଆନ, କନାନୁର ଟାଉନ୍, କୋଲକତା, ବ୍ୟାଙ୍ଗଲୋର, ସିଲୋର, ପଙ୍ଗାଡ଼ି, ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ଅଲ୍ଲାଃତାଲା ସମସ୍ତ କୁରବାନୀକାରୀଙ୍କ ଧନ ଜୀବନରେ ଅଜସ୍ର ବିଭୂତି ପ୍ରଦାନ କରନ୍ତୁ । ଭବିଷ୍ୟତରେ ଅଲ୍ଲାଃତାଲା ଏହି ବିଭାଗର କର୍ମକର୍ତାମାନଙ୍କୁ କର୍ମଠ କରନ୍ତୁ ଯେପରି ସେମାନେ ନିଜ ନିଜର କର୍ତବ୍ୟ ସଠିକ୍ ରୂପେ ନିର୍ବାହ କରିବେ । ଯେଉଁ ଦୋଷ ତ୍ରୁଟୀ ରହିଯାଇଛି ତାହାକୁ ଦୂର କରିବାକୁ ଚେଷ୍ଟା କରନ୍ତୁ । ବିଶେଷ କରି ସମସ୍ତଙ୍କୁ ଏହି ବିଭାଗ ସହ ଯୋଡ଼ି ସଂଖ୍ୟାବୃଦ୍ଧି କରିବା ପ୍ରତି ଧ୍ୟାନ ଦିଅନ୍ତୁ । ପ୍ରତ୍ୟେକ ଅହେମଦି ସେ ସ୍ୱଳ୍ପ ହିଁ ଦିଅନ୍ତୁ ତଥାପି ସେମାନଙ୍କୁ ଏଥିରେ ସାମିଲ କରିବା ଦରକାର ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ଜୁମା ପରେ ମୁଁ ଦୁଇ ଗୋଟି ଜନାଯାଃ ଗାଏବ ମଧ୍ୟ ପାଠ କରିବି । ପ୍ରଥମ ଶ୍ରୀମତି ଅସମା ତାହିରା ସାହେବା ସ୍ୱାମୀ ଶ୍ରୀମାନ ମିର୍ଜା ଖଲିଲ୍ ଅହେମଦ୍ ସାହେବ ଯେ କି ୨୦୧୬ ମସିହା ଡ଼ିସେମ୍ବର ମାସ ୨୩ ତାରିଖ ଦିନ ୭୯ବର୍ଷ ବୟସରେ କେନେଡ଼ାରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।** ସେ ଜୁନ୍ ୧୯୩୫ ମସିହାରେ ଭାଗଲ୍‌ପୁର୍‌ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ମୌଲବୀ ଅବ୍‌ଦୁଲ୍ ବାକି ସାହେବ ଥିଲା ଏବଂ ମାଙ୍କ ନାମ ସଫିଆ ଖାତୁନ୍ ଥିଲା । ତାଙ୍କ ବାପାଙ୍କର କନ୍‌ରିରେ ଫ୍ୟାକ୍ଟ୍ରି ଥିଲା ଏବଂ ସେ ସେଥିରେ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ ଏବଂ କନ୍‌ରି ଯମାତ୍‌ର ସଦର୍ ମଧ୍ୟ ଥିଲେ ।

ତାଙ୍କର ଦାଦା ହଜ୍‌ରତ୍ ଅଲୀ ଅହେମଦ୍ ସାହେବ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ବୟତ୍ କରିଥିଲେ, ସାହାବି ଥିଲେ । ତାଙ୍କ ବୟତ ବିଷୟରେ ଅମତୁଲ୍ ନୁର୍ ସାହିବା କହୁଛନ୍ତି ଯେ ଆମେ ଶୁଣିଛୁ କି ସେ ଯେତେବେଳେ କାଦିଆନ୍ ଆସିଲେ ନବମ ଶ୍ରେଣୀରେ ପାଠ ପଢୁଥିଲେ । କାଦିଆନ୍‌ରୁ ଫେରିବା ସମୟରେ ଅମୃତସର୍ ରେଳ ଷ୍ଟେସନ୍ ଠାରେ ମୌଲବୀ ମୁହମ୍ମଦ ହୁସେନ୍ ବଟାଲୁଇ ତାଙ୍କୁ ରୋକିବାକୁ ଚେଷ୍ଟା କଲେ ସେ ମୌଲବୀ ସାହେବଙ୍କୁ ଉତର ଦେଇ କହିଲେ ଯେ ମୋ ମା ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣର ନିଦର୍ଶନ ପୁରା ହେବା ପରେ ମତେ ତହ୍‌କିକ୍ କରିବା ପାଇଁ କାଦିଆନ୍ ପଠାଇଥିଲେ । ବର୍ତମାନ ଆପଣଙ୍କର ଏପରି କାର୍ଯ୍ୟଦ୍ୱାରା ମୋ ଉପରେ ମିର୍ଜା ସାହେବଙ୍କର ସତ୍ୟତା ପ୍ରମାଣିତ ହୋଇଗଲା ଯେ ଆପଣଙ୍କ ପରି ବଡ଼ ମୌଲବୀ କାହିଁକି କୌଣସି ମିଛୁଆ ନବୀର ଦାବିଦାରୀ ପାଇଁ ଏତେ ସମୟ ନଷ୍ଟ କରିବ ? ଆପଣଙ୍କର ଏହିଭଳି ବୁଲିବା ଓ ସମୟ ନଷ୍ଟ କରିବା ଜଣାଇଦେଉଛି ଯେ ହଜ୍‌ରତ୍ ମିର୍ଜା ସାହେବ ସତ୍ୟବାଦୀ ଅଟନ୍ତି ।...

ଦ୍ୱିତୀୟ ଜନାଯାଃ ଶ୍ରୀମାନ ଚୌ. ହମିଦ୍ ନସରୁଲ୍ଲାଃ ଖାଁ ସାହେବଙ୍କର ଅଟେ ଯେ କି ଚଳିତ ମାସ ୪ତାରିଖରେ ଲାହୋର ଠାରେ ୮୩ବର୍ଷ ବୟସରେ ଦେହ ତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।**

ଚୌ. ହମିଦ୍ ନସରୁଲ୍ଲାଃ ଖାଁ ସାହେବଙ୍କ ଦାଦା ହଜ୍‌ରତ୍ ଚୌଧୁରୀ ନସୁରୁଲାଃ ଖାନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ ଏବଂ ତାଙ୍କର ନନା ହଜ୍‌ରତ୍ ଚୌଧୁରୀ ଫତାଃ ମୁହମ୍ମଦ୍ ସାହେବ ସିଆଲ୍ ଥିଲେ । ଏ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ତାଙ୍କର ବାପା ଚୌଧୁରୀ ମୁହମ୍ମଦ୍ ଅବ୍‌ଦୁଲା ଖାନ୍ ସାହେବ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ କରାଚି ଯମାତ୍‌ର ଅମିର୍ ରହିଥିଲେ । ଚୌଧୁରୀ ଜଫ୍‌ରୁଲାଃ ଖାନ୍ ସାହେବ ତାଙ୍କର ବଡ଼ବାପା ଥିଲେ ଏବଂ ଶ୍ୱସୁର ମଧ୍ୟ । ୧୯୬୪ ମସିହାରେ ହମିଦ୍ ନସୁରୁଲାଃ ଖାନ୍ ସାହେବଙ୍କ ବିବାହ ଅମତୁଲ୍ ହଇ ସାହିବା ସୁପୁତ୍ରି ଚୌଧୁରୀ ଜଫ୍‌ରୁଲା ଖାନ୍ ସାହେବଙ୍କ ସହିତ ହୋଇଥିଲା ଏବଂ ତାଙ୍କର ସନ୍ତାନ ମୁସ୍ତାଫା ନସୁରୁଲା ଖାନ୍ ଏବଂ ଇବ୍ରାହିମ୍ ନସୁରୁଲାଃ ଖାନ୍ ଅଟନ୍ତି ଯାହାଙ୍କର ୧୬ ବର୍ଷ ବୟସରେ ନିଧନ ହୋଇଥିଲା । ଆଇଶା ନସୁରୁଲାଃ ନାମରେ ଗୋଟିଏ ଝିଅ ଅଛନ୍ତି ।...

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ତାଙ୍କୁ ୧୯୭୫ ରେ ଯମାତ୍ ଅହେମଦୀୟା ଲାହୋର୍‌ର ଅମିର୍ ବନାଇଲେ । ୩୪ ବର୍ଷ ସେ ଲାହୋର୍‌ର ଅମିର୍ ରହିଲେ ।...

ଲାହୋର୍‌ର ସେକ୍ରେଟାରୀ ଉମୁରେ ଆମା ଚୌଧୁରୀ ମନଓ୍ୱର୍ ସାହେବ ଲେଖୁଛନ୍ତି ଯେ ହମିଦ୍ ନସୁରୁଲାଃ ଖାନ୍ ସାହେବ୍ ନିଜ ସହିତ କାର୍ଯ୍ୟରତ କର୍ମୀଙ୍କର ବହୁତ ଧ୍ୟାନ ରଖୁଥିଲେ । ତାଙ୍କର ଛୋଟ ଛୋଟ ଜରୁରୀ ଜିନିଷର ଧ୍ୟାନ ରଖୁଥିଲେ ।

ହକିମ୍ ତାରିକ୍ ସାହେବ୍ କହୁଛନ୍ତି ଯେ ଖିଲାଫତ୍ ସହିତ ଆପଣଙ୍କର ଆଜ୍ଞାନୁବର୍ତିତା ଅତ୍ୟଧିକ ମାତ୍ରାରେ ଥିଲା ।...

କର୍ଣ୍ଣଲ୍ ନଇମ୍ ସିଦ୍ଦିକି ସାହେବ ଯିଏ ଲାହୋର୍‌ର ନାଏବ ଅମିର୍ ଜିଲା ଅଟନ୍ତି ସେ ଲେଖୁଛନ୍ତି ଯେ ଖିଲାଫତ୍ ସହିତ ତାଙ୍କର ଯେଉଁ ସମ୍ପର୍କ ଥିଲା ଯେବେ ତାହା ସେ ବର୍ଣ୍ଣନା କରୁଥିଲେ ସେ ତାହା କରି ଚାଲୁଥିଲେ ।...ଅଲ୍ଲାଃତାଲା ତାଙ୍କ ସହିତ ମଗଫିରତ୍ ଓ ରହ୍‌ମତ୍‌ର ବ୍ୟବହାର କରନ୍ତୁ ଏବଂ ତାଙ୍କର ଦରଜା ବୃଦ୍ଧି କରନ୍ତୁ ଏବଂ ତାଙ୍କ ପିଲାମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ପ୍ରେମ ଓ ଯମାତ୍ ସହିତ ସୁ ସମ୍ପର୍କ ରଖି ବାପାଙ୍କ ପୁଣ୍ୟକୁ ଆଗକୁ ବଢ଼ାଇବା ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା-୨ ର ଅବଶିଷ୍ଟାଂଶ......

ଲୋକେ ଫିରୋନ୍ ହୋଇଯାଆନ୍ତି । କିନ୍ତୁ ସମ୍ପୂର୍ଣ୍ଣ ମନୁଷ୍ୟ (ଆଁ ହଜ୍‌ରତ୍ ସ:ଆ:ସ)ଙ୍କ ର କିପରି ଆଦର୍ଶ ଥିଲା ? ଯେଉଁ ସହର ଆପଣଙ୍କ ଉପରେ ଜୁଲମ କରି ବାହାର କରିଦେଲା ଓ ଇସ୍‌ଲାମ୍‌କୁ ମହିମଣ୍ଡଳରୁ ନିଃଶେଷ କରିବା ପାଇଁ ଚାହିଁଥିଲା । ଅଲ୍ଲାଃଙ୍କ ତକ୍‌ଦୀର୍ (ଇଚ୍ଛା)ରୁ ଯେତେବେଳେ ମକ୍କା ଫତାଃ(ବିଜୟ) ହେଲା ଓ ଆପଣ ସ:ଆ:ସ ସେଠାରେ ପ୍ରବେଶ କଲେ ତ କିପରି ଅବସ୍ଥାରେ ? ଇତିହାସ କହେ ଯେତେବେଳେ ବିଜୟୀ ହୋଇ ଆପଣ ମକ୍କାରେ ପ୍ରବେଶ କଲେ, ସେଦିନ ଆପଣଙ୍କ ଖୁସିର ଦିନ ଥିଲା । କିନ୍ତୁ ଆପଣ ସ:ଆ:ସ ଅଲ୍ଲାଃଙ୍କ କରୁଣାକୁ ସମ୍ମାନ ଦେଇ ବିନମ୍ର ଭାବରେ ଦଣ୍ଡାୟମାନ ଥିଲେ । ଅଲ୍ଲାଃତାଲା ଆପଣଙ୍କୁ ଯେତେ ଉଚ୍ଚା କରିଚାଲିଲେ ଆପଣ ସେତେ ସେତେ ନଇଁ ନଇଁ ଗଲେ ଏପରିକି ମୁଁଣ୍ଡ ନୋଇଁ ନୋଇଁ ଓଟର ପିଠିରେ ଲାଗିଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଦେଖ ଆମ ନବୀ ସ:ଆ:ସ ଯେତେବେଳେ ମକ୍କା ବିଜୟ କଲେ, ସେତେବେଳେ ଆପଣ ଏପରି ମୁଣ୍ଡ ନୁଆଁଇ ଥିଲେ ଯେପରି ଜଣେ ଦୁଃଖ ଦୁର୍ଦ୍ଦଶାର ଦିନରେ ମୁଣ୍ଡ ନୁଆଁଇଥାଏ ଏବଂ ନତ ମସ୍ତକ କରିଥାଏ ।

ହଜୁର୍ ଅନୁଓ୍ୱର କହିଲେ : ହଜୁର୍ ସ:ଆ:ସ ଙ୍କ ଗୁଣ ଓ ଆଦର୍ଶକୁ ବର୍ଣ୍ଣନା କରିବା ପାଇଁ ଅନେକ ସଭା (ଯଲ୍‌ସା) ହେଲେ ମଧ୍ୟ ବର୍ଣ୍ଣନା ହୋଇପାରିବ ନାହିଁ । ଆପଣଙ୍କ ଜୀବନର ଗୋଟିଏ ସୁନ୍ଦର ପାର୍ଶ୍ୱ ହେଉଛି 'ଦାନଶୀଳତା' । ତାହା ମୁଁ ବର୍ଣ୍ଣନା କରୁଛି । ସାହାବା କହୁଛନ୍ତି ଯେ ଆପଣ ସ:ଆ:ସଙ୍କ ଠାରୁ ଦାନୀ ଆମେ କାହାକୁ ଦେଖିନାହୁଁ । ଗୋଟିଏ ରିଓ୍ୱାୟତ୍‌ରେ ଆସିଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ କିଛି ଅନ୍‌ସାର୍ (ମଦିନାର ମୁସଲ୍‌ମାନ) ମାଗିଲେ । ଆପଣ ତାହା ଦେଲେ । ପୁଣି ମାଗିଲେ ପୁଣି ଦେଲେ । ପୁଣି ମାଗିଲେ ପୁଣି ଦେଲେ ଏପରିକି ଯାହା କିଛିଥିଲା ତାହା ଶେଷ ହୋଇଗଲା । କହିଲେ ମୋ ପାଖରେ ଯାହା କିଛି ମାଲ୍ ଅଛି ତାହା ମୁଁ ତୁମଠାରୁ ରୋକି ରଖିବି ନାହିଁ । ଥରେ ନବେ ହଜାର ଦିର୍‌ହମ୍ ବାଂଟିଦେଲେ । ଥରେ ଛେଳିମାନଙ୍କର ଏକ ବିରାଟ ଗୋଠ ଯାହା ପୁରା ଉପତ୍ୟକାରେ ବ୍ୟାପି ଯାଇଥିଲା, ଦାନ କରିଦେଲେ । ବହ୍‌ରିନ୍‌ରୁ ଆସିଥିବା ମାଲ୍‌କୁ ମସ୍‌ଜିଦ୍ ପ୍ରାଙ୍ଗଣରେ ଗଦା କରିଦେଲେ ପୁଣି ସବୁ ମାଲ୍ ନମାଜ ପାଠ ପରେ ବାଂଟିଦେଲେ । ବେଳେବେଳେ ବଦ୍ଦୁ (ଗାଁଉଲି ଲୋକ) ମାନେ ବଡ଼ କର୍କଶ ଶବ୍ଦରେ ମାଗୁଥିଲେ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ସେ କଥାକୁ ଉପେକ୍ଷା କରି ତାଙ୍କୁ ମଧ୍ୟ ଧନ ସମ୍ପତି ଦେଉଥିଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଅମ୍ବିୟାଙ୍କ ଉପରେ ସଙ୍କିର୍ଣ୍ଣତାର ସମୟ ମଧ୍ୟ ଆସିଥାଏ ଓ ସମ୍ପନ୍ନତାର ସମୟ ମଧ୍ୟ ଆସିଥାଏ ଯଦ୍ୱାରା ତାଙ୍କର ଆଦର୍ଶ ଦୃଷ୍ଟିଗୋଚର ହେବ । ଶକ୍ତି ଓ ବଳଶାଳୀ ଅବସ୍ଥାରେ କ୍ଷମା ଦେବା ହେଉଛି ପ୍ରକୃତ ଗୁଣ । ଶକ୍ତି ଓ ଆଧିପତ୍ୟର ଆବଶ୍ୟକତା ଏଇଥିପାଇଁ ଥାଏ ଯାହା କ୍ଷମା ଦେବାର ଗୁଣକୁ ପ୍ରକାଶ କରିଥାଏ । ଦୁର୍ବଳତା ଓ ଆଧିପତ୍ୟତା ଦୁଇଟିଯାକ ଅବସ୍ଥା ରହିବ ସେତେବେଳେ ଯାଇ ଉକ୍ତ ଦୁଇଟି ଗୁଣର ଚରିତ୍ର ପରିପ୍ରକାଶ ହେବ । ଏ ଅବସ୍ଥାରେ ସବୁଠାରୁ ଆଗରେ ଖାତମୁର୍ ରସୁଲ୍ ସ:ଆ:ସଙ୍କ ପାଦ ଅଛି । ଯାହାଙ୍କ ଜୀବନରେ ଉକ୍ତ ଦୁଇଟି ଅବସ୍ଥା ଆସିଲା ଓ ଯାହାଙ୍କ ଦ୍ୱାରା ସବୁ ଚରିତ୍ର ସୂର୍ଯ୍ୟପରି ପ୍ରକାଶ ହେଲା ।

କୃତଜ୍ଞତା ଆଉ ଗୋଟିଏ ବିଶେଷ ଗୁଣ ଯାହାର ଉତମ ନମୁନା ଆପଣ ସ:ଆ:ସ ଙ୍କ ଆଦର୍ଶରେ ଦେଖାଯାଏ । ଆପଣ ସ:ଆ:ସ ଅଲ୍ଲାଃଙ୍କ କୃତଜ୍ଞତା ଏବଂ ଲୋକଙ୍କ କୃତଜ୍ଞତାର ସୁଆଦର୍ଶ ପ୍ରତିଷ୍ଠା କରିଛନ୍ତି । ଏପରିକି ଆପଣ ସ:ଆ:ସ ବର୍ଷାର ପ୍ରଥମ ବୁନ୍ଦାକୁ ନିଜ ଜିଭରେ ନେଉଥିଲେ ଯାହା କୃତଜ୍ଞତାର ଏକ ନିଦର୍ଶନ ଅଟେ । ଆପଣ ସ:ଆ:ସଙ୍କ ଖାଦ୍ୟ ବହୁତ ସାଦା ହେଉଥିଲା । ତା ଉପରେ ସାଦା ପୋଷାକ ମଧ୍ୟ ପିନ୍ଧି କୃତଜ୍ଞତା ଜ୍ଞାପନ କରୁଥିଲେ । ଥରେ ତାଙ୍କୁ କୁହାଗଲା ଯେ ଆପଣଙ୍କର ତ ସବୁ (ଗୁନ୍‌ହା) ପାପ କ୍ଷମା କରି ଦିଆଯାଇଛି । ତେବେ ଆପଣ ଏପରି କାନ୍ଦି କାନ୍ଦି କାହିଁକି ଉପାସନା କରୁଛନ୍ତି ? ଏହାର ଉତରରେ ଆପଣ ସ:ଆ:ସ କହିଲେ ଯେ କ'ଣ ମୁଁ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବି ନାହିଁ, ଯିଏ ମୋତେ ଏ ସବୁ ଉକ୍ତ କରୁଣା ପ୍ରଦାନ କରିଛନ୍ତି ।

ଆପଣ ସ:ଆ:ସଙ୍କର ଲୋକଙ୍କ ନିମନ୍ତେ କିପରି କୃତଜ୍ଞତା ଜ୍ଞାପନ କରୁଥିଲେ । ହଜ୍‌ରତ୍ ଅବୁବକର୍ ର:ଅ ଆପଣଙ୍କର ସାଙ୍ଗ ଥିଲେ । ଥରେ ତାଙ୍କୁ କେହି ଜଣେ କିଛି କହିଲେ । ସେଥିରେ ଆପଣ ସ:ଆ:ସ କହିଲେ ଯେ ସବୁଠାରୁ ଅଧିକ ଏହ୍‌ସାନ୍ (ଉପକାର) ମୋ ଉପରେ ଅବୁବକର୍ କରିଛନ୍ତି । ଆପଣ ସ:ଆ:ସ ଙ୍କ ଉପରେ କି ପ୍ରକାର ଉପକାର ହୋଇପାରିବ ? ତାହା ତ ସେବକର ସମ୍ମାନ ଥିଲା । କିନ୍ତୁ ପୁଣି ମଧ୍ୟ କୃତଜ୍ଞତା ଜ୍ଞାପନ କରୁଥିଲେ । ଥରେ ହଜ୍‌ରତ୍ ଆଇଶା କହିଲେ ଯେ ଆପଣ କ'ଣ ହଜ୍‌ରତ୍ ଖଦିଜାଙ୍କ ଚର୍ଚ୍ଚା କରୁଛନ୍ତି । ଯଦିଚ ତାଙ୍କଠାରୁ ବଳି ସ୍ତ୍ରୀ ଆପଣଙ୍କୁ ଅଲ୍ଲାଃତାଲା ଦେଇଛନ୍ତି । ଉତରରେ ଆପଣ ଆଇଶାଙ୍କ ସେବାର ଚର୍ଚ୍ଚା କଲେ ଏବଂ ସର୍ବଦା ତାଙ୍କର କୃତଜ୍ଞତା ଜ୍ଞାପନ କଲେ ।

ନଯାଶିଙ୍କ ଏହ୍‌ସାନ୍‌କୁ ମଧ୍ୟ ଆପଣ ସ:ଆ:ସ ସର୍ବଦା ମନେରଖିଥିଲେ ଏବଂ ନିଜ କାର୍ଯ୍ୟ ଓ କର୍ମଦ୍ୱାରା ଉକ୍ତ କୃତଜ୍ଞତାର ପ୍ରକାଶ ମଧ୍ୟ କରୁଥିଲେ । ଥରେ ନଯାଶିର ଗୋଷ୍ଠୀ ଆପଣଙ୍କ ସମ୍ମୁଖରେ ହାଜର୍ ହେଲେ । ଆପଣ ନିଜେ ଛିଡ଼ା ହୋଇ ତାଙ୍କର ସ୍ୱାଗତ କଲେ ଏବଂ କହିଲେ ଯେ ସେ ଆମର ସାହାବାଙ୍କୁ ସମ୍ମାନ ଦେଇଥିଲେ । ତେଣୁ ମୁଁ ମଧ୍ୟ ଉକ୍ତ ଉପକାରର ବଦ୍‌ଲା ନିଜେ ଦେବାପାଇଁ ପସନ୍ଦ କରିବି ।

ମୁଅଲ୍ଲିମେ ଅଖ୍‌ଲାକ୍ (ଚରିତ୍ର ଶିଖାଇବା ବ୍ୟକ୍ତି) ହିସାବରେ ମଧ୍ୟ ଆପଣଙ୍କର ଶ୍ରେଷ୍ଠତ୍ୱ ଦୃଷ୍ଟି ଗୋଚର ହୁଏ । ଥରେ ହଜ୍‌ରତ୍ ଆଇଶା ହଜ୍‌ରତ୍ ସଫିଆଙ୍କ ଉଚ୍ଚତା କମ୍ ହୋଇଥିବାରୁ କିଛି କହିଲେ । ତେବେ ସେ ସମୟରେ ଆପଣ ସ:ଆ:ସ କହିଲେ ଯେ ଏହା ଏପରି ବାକ୍ୟ ଅଟେ ଯେଦି ତାକୁ ସମୁଦ୍ରରେ ମିଶାଇ ଦିଆଯାଏ ତେବେ ତାକୁ ମଧ୍ୟ ସେ ପିତା କରିଦେବ ।

ପଡ଼ୋଶୀଙ୍କ ସହିତ ଉତମ ବ୍ୟବହାରର ଶିକ୍ଷା । କେହି ଜଣେ ପଚାରିଲେ ଯେ ମୁଁ କିପରି ଜାଣିବି ଯେ ମୁଁ ଭଲଲୋକ ବୋଲି । ଆପଣ ସ:ଆ:ସ ଉତର ଦେଲେ ଯେ ନିଜ ପଡ଼ୋଶୀଙ୍କ ଠାରୁ ଯେବେ ତୁମେ ଶୁଣ ଯେ ତୁମେ ଭଦ୍ର ବୋଲି ତେବେ ତୁମେ ଭଦ୍ର ଅଟ । ଯଦି ତୁମେ ଶୁଣ ଯେ ତୁମେ ଖରାପ ବ୍ୟକ୍ତି ବୋଲି ତେବେ ତୁମେ ଖରାପ ଅଟ । ଏହିପରି ଅବସ୍ଥା ଆପଣ ନିଜ ଅନୁଯାୟୀମାନଙ୍କ ମଧ୍ୟରେ ଦେଖିବାକୁ ଚାହୁଁଥିଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ସେହି ବ୍ୟକ୍ତି ଯିଏ ନିଜର ଶରୀର ଦ୍ୱାରା, ନିଜର ଗୁଣ ଦ୍ୱାରା, ନିଜର କର୍ମ ଦ୍ୱାରା ଓ କାର୍ଯ୍ୟଦ୍ୱାରା ଓ ନିଜର ଆଧ୍ୟାତ୍ମିକତା ଓ ପବିତ୍ର ଶକ୍ତି ସଦୃଶ ପ୍ରବାହିତ ନଦୀ ପରି ନିଜର ସମ୍ପୁର୍ଣ୍ଣତାର ନମୁନା ଜ୍ଞାନ କାର୍ଯ୍ୟ ଓ ସତ୍ୟବାଦୀତା ଓ ଯୁକ୍ତିଯୁକ୍ତ ଦେଖାଇଲେ ଯଦ୍ୱାରା ଆପଣ ଇନ୍‌ସାନେ କାମିଲ୍ (ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ) ରୂପେ ବିବେଚିତ ହେଲେ । ସେହି ବ୍ୟକ୍ତି ଯିଏ ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ଏବଂ ଇନ୍‌ସାନେ କାମିଲ୍ ଥିଲେ ଓ କାମିଲ୍ ନବୀ ଥିଲେ ଯିଏ ସମ୍ପୂର୍ଣ୍ଣ ସମ୍ପନ୍ନତାର ସହିତ ଆସିଲେ ଯାହଙ୍କ ଆଧ୍ୟାତ୍ମିକ ପ୍ରକାଶ ଓ ପ୍ରଳୟ ଦ୍ୱାରା ସଂସାରର ପ୍ରଥମ କୟାମତ୍ ପ୍ରକଟ ହେଲା ଏବଂ ଗୋଟିଏ ମୃତ ସଦୃଶ ସଂସାର ତାଙ୍କ ଆସିବା ଦ୍ୱାରା ଜୀବିତ ହୋଇଗଲା । ଉକ୍ତ ସୌଭାଗ୍ୟବନ୍ତ ନବୀ ହଜ୍‌ରତ୍ ଖାତେମୁଲ୍ ଅମ୍ବିଆ ଇମାମୁଲ୍ ଅସ୍‌ଫିଆ ଖତମୁଲ୍ ମୁର୍‌ସଲିନ୍ ଯନାବ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଅଟନ୍ତି । ହେ ପ୍ରିୟତମ ଅଲ୍ଲାଃ ! ଏହି ପ୍ରିୟତମ ନବୀଙ୍କ ଉପରେ ସେହି କରୁଣା (ରହେମତ୍) ଏବଂ ଦରୁଦ୍ ପ୍ରେରଣ କର ଯାହା ତୁମେ ସୃଷ୍ଟିର ଆରମ୍ଭରୁ କାହା ଉପରେ ପ୍ରେରଣ କରିନଥିବ...***ଅଲ୍ଲାହୁମ୍ମା ସ୍ୱଲ୍ଲି ଓ୍ୱ ସଲ୍ଲିମ୍ ଓ୍ୱ ବାରିକ୍ ଆଲୈହେ ଓ୍ୱ ଆଲିହି ଓ୍ୱ ଅସ୍‌ହାବିହି ଅଯ୍‌ମଈନ୍ ।***

ଶେଷରେ ହଜୁର୍ ଅନୁଓ୍ୱର ଦୁଆ କରାଇଲେ । ଦୁଆ ପରେ ହଜୁର୍ ଅନୁଓ୍ୱର ସଭାରେ ଉପସ୍ଥିତ ରହି କହିଲେ ଯେ କାଦିଆନ୍ ବାଲା ନିଜର ତରାନା ଆରମ୍ଭ କରନ୍ତୁ । ହଜୁର୍‌ଙ୍କ ନିର୍ଦ୍ଦେଶ ଅନୁଯାୟି କାଦିଆନ୍‌ରୁ ଖୁଦ୍‌ଦାମ୍, ଅତ୍‌ଫାଲ୍ ଓ ନାସ୍‌ରାତ୍‌ର ଗ୍ରୁପ୍ ତରାନା ପେଶ୍ କଲେ । ତରାନା ପରେ ହଜୁର୍ ଅନୁଓ୍ୱର ଲଣ୍ଡନ୍‌ରେ ଉପସ୍ଥିତ ଜମାତର ଲୋକମାନଙ୍କୁ କହିଲେ ଯେ ଏବେ ନମାଜ ହେବ, ତାପରେ ଭୋଜନ ହେବ । ହଜୁର୍ ଅନୁଓ୍ୱର କହିଲେ କାଦିଆନ୍ ଯଲ୍‌ସାର ଉପସ୍ଥାନ ୧୪୨୪୨ ଜଣ ଅଟେ । ଇଣ୍ଡୋନେସିଆରୁ ମଧ୍ୟ ଗୋଟିଏ ଚାର୍ଟାର୍ଡ଼ ଉଡ଼ାଯାହାଜ ଉକ୍ତ ଯଲ୍‌ସାରେ ଲୋକଙ୍କୁ ଯୋଗଦେବା ପାଇଁ ଆସିଛି । ଲଣ୍ଡନ୍‌ରେ ଯଲ୍‌ସାରେ ଉପସ୍ଥାନ ୫୨୩୦ ଥିଲା ।

**ଯଲ୍‌ସା ମସ୍ତୁରାତ୍ (ସ୍ତ୍ରୀ ଲୋକଙ୍କ ଯଲ୍‌ସା)**

ତା ୨୭ ଡ଼ିସେମ୍ବର-୨୦୧୬ ତାରିଖରେ ନମାଜ ଯୋହର୍ ପରେ ଦ୍ୱିପ୍ରହର ୨:୩୦ ରେ ଲଜ୍‌ନା ଇମାଉଲା ନିଜର ଅଲଗା ସେଶନ୍‌ର ଆୟୋଜନ କଲେ ଯାହାର ସଭାପତି ଶ୍ରୀମତୀ ଶମିମ୍ ଅଖ୍‌ତର୍ ଜ୍ଞାନୀ ସାହିବା ସଦର୍ ଲଜ୍‌ନା ଇମାଉଲା ଭାରତ କଲେ । ତେଲାଓ୍ୱତ୍ କୋରାନ୍ କରିମ୍ ମୋକରମା ତହ୍‌ମିଦା ଉମର୍ ସାହିବା କରିଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋକରମା ଅମତୁଶ୍‌ଶାଫି ରୁମି ସାହିବା ଜେନେରାଲ୍ ସେକ୍ରେଟାରୀ ଲଜ୍‌ନା ଇମାଉଲା ଭାରତ ପେଶ୍ କଲେ । ମୋକରମା ନୈୟରା ତନ୍‌ଓ୍ୱିର୍ ସାହିବା

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 09 FEB 2017 Issue No. 6

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ସଭାର ପ୍ରଥମ ତକ୍‌ରିର୍ ମୋକରମା ବୁଶ୍‌ରା ପାଶା ସାହିବା ଏଜାଜି ମେମ୍ବର୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଇମାଉଲା ଭାରତ *''ପର୍ଦା ପି ଫର୍‌ଜିୟତ୍ ଓ୍ୱ ଅହମିୟତ୍, କୁରଆନ୍ ଓ୍ୱ ହଦିସ୍ ଅଓର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ: ଅଓର୍ ଆପ୍‌କେ ଖୋଲୋଫାଆ କରାମ୍ କେ ଇର୍‌ଶାଦାତ୍ କି ରୌଶ୍‌ନି ମେ''* ବିଷୟ ଉପରେ କଲେ । ମୋକରମା କୁଦୁସିଆ ହବିବ୍ ସାହିବା ଗୋଟିଏ ନାତ୍ ସୁମଧୁର ସ୍ୱରରେ ପଢ଼ି ଶୁଣାଇଲେ । ଯଲସାର ଦ୍ୱିତୀୟ ତକ୍‌ରିର୍ ମୋହ୍‌ତରମା ଶମିମ୍ ଅଖ୍‌ତର୍ ଜ୍ଞାନୀ ସାହିବା *''ଶାଦି ବ୍ୟାହ୍ ଅଓର୍ ରିସ୍ତାନାତା ସେ ମୁତାଲିକ୍ କୁରଆନ୍ ଓ୍ୱ ହଦିସ୍ ଅଓର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ: ଅଓର୍ ଆପ୍‌କେ ଖୋଲୋଫାଆ କରାମ୍ କେ ଇର୍‌ଶାଦାତ୍''* ବିଷୟ ଉପରେ କଲେ । ଦୁଆ ସହିତ ଏହି ଶେସନ୍ ସାଙ୍ଗ ହେଲା ।

**(୧) ଅଲ୍‌କଲମ୍ ପ୍ରୋଜେକ୍ଟ :-**

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ ଦ୍ୱାରା ତା- ୨୩ ଡ଼ିସେମ୍ବର ୨୦୧୬ ପବିତ୍ର ଜୁମା ଦିବସର ସନ୍ଧ୍ୟା ୪ ଘଟିକା ସମୟରେ ମୋକରମ୍ ମୌଲାନା ଯଲାଲୁଦ୍ଦିନ୍ ନୟର୍ ସାହେବ ସଦର୍, ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନଙ୍କ ସଭାପତିତ୍ୱରେ ଅହେମଦୀୟା ମର୍କଜି ଲାଇବ୍ରେରୀ କାଦିଆନ୍‌ଠାରେ 'ଅଲ୍‌କଲମ୍ ପ୍ରୋଜେକ୍ଟ' ର ଶୁଭାରମ୍ଭ ହେଲା । ପବିତ୍ର କୋରାନ୍ ପାଠ ଶ୍ରୀମାନ୍ ମୌଲବୀ ମୁର୍ଶିଦ୍ ଅହେମଦ୍ ଡାର୍ ସାହେବ କରିଲେ । ତା ପରେ ଶ୍ରୀମାନ୍ ମୌଲବୀ ଇନାଇତୁଲା ସାହେବ ଏଡ଼ିଶିନାଲ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ତାଲିମୁଲ୍ କୁରଆନ୍ ଓ୍ୱ ୱକ୍‌ଫେ ଆରଜି କାଦିଆନ୍ ମୁନ୍ତଜିମ୍ ଅଲ୍‌କଲମ୍ ପ୍ରୋଜେକ୍ଟ 'ଅଲ୍‌କଲମ୍ ପ୍ରୋଜେକ୍ଟ' ବିଷୟରେ ଅବଗତ କରାଇଲେ । ଏହି ପ୍ରୋଜେକ୍ଟ ଅନ୍ତର୍ଗତ ସମ୍ପୂର୍ଣ୍ଣ ପବିତ୍ର କୋରାନ୍ ହାତରେ ଲେଖାହୋଇ ଗୋଟିଏ ହସ୍ତ ଲିଖିତ ପୁସ୍ତକ ରୂପେ ପ୍ରକାଶ ପାଇବାର ପ୍ରୋଗ୍ରାମ୍ ଅଛି । ଏହି ପ୍ରୋଜେକ୍ଟ ୨୩ ଡ଼ିସେମ୍ବର ୨୦୧୬ ରୁ ୧ ଜାନୁଆରୀ ୨୦୧୭ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଜାରି ରହିଲା । ଉକ୍ତ ସମୟରେ ୧୨୮୪ ଜଣ ଲୋକ ୧୪୬୩ ଆୟତ୍ ଲେଖିଲେ ।

**(୨) ଶୁବା ଖିଦ୍‌ମତେ ଖଲକ୍ :-**

ଶୁବା ଖିଦ୍‌ମତେ ଖଲକ୍ ର ଅନ୍ତର୍ଗତ ଯଲସା ସାଲାନାର ଦିନ ମାନଙ୍କରେ ଦାରୁଲ୍ ମସିହ୍, ମର୍କଜି ମସ୍‌ଜିଦ୍‌ମାନ, ବେହଶ୍‌ତି ମକ୍‌ବରା, ଯଲ୍‌ସାଗାଃ, ମହ୍‌ଲା ଅହେମଦୀୟା କାଦିଆନ୍‌ରେ ପ୍ରବେଶ ହେଉଥିବା ରାସ୍ତା ଗୁଡ଼ିକରେ, ସବୁ କୟାମ୍‌ଗାଃ ରେ କର୍ମଜି ଲାଇବ୍ରେରୀ ଯେଉଁଠି ଅଲ୍‌କଲ୍‌ମ ପ୍ରୋଜେକ୍ଟର ଆୟୋଜନ କରାଯାଇଥିଲା ଏବଂ ଏମ୍.ଟି.ଏ ର ବିଲ୍‌ଡ଼ିଂ ଇତ୍ୟାଦି ସ୍ଥାନ ମାନଙ୍କରେ ସ୍ୱୟଂସେବକ ଖୁଦାମ୍, ଅନ୍‌ସାର୍ ମାନେ ସବୁବେଳେ ଡ୍ୟୁଟି ଦେଉଥିଲେ । ନମାଜ ସମୟରେ ମସ୍‌ଜିଦ୍ ଏବଂ ଗଳି ଓ ସଡ଼କ ମାନଙ୍କରେ ଟ୍ରାଫିକ୍ କଂଟ୍ରୋଲ୍ କରିବା ପାଇଁ ମଧ୍ୟ ଖୋଦାମ୍ ମାନେ ଡ୍ୟୁଟି କରୁଥିଲେ ।.. ଭାରତର ସବୁ କ୍ଷେତ୍ରରୁ ଆସିଥିବା ୭୨୦ ଖୁଦାମ୍ ଏବଂ ୮୬ ଜଣ ଅନ୍‌ସାର୍ ସ୍ୱୟଂ ସେବକ ଖୁବ୍ ପରିଶ୍ରମ କରି ଦିନ ରାତି ଡ୍ୟୁଟି ଦେଉଥିଲେ । ଅଲ୍‌ହମ୍‌ଦୋଲିଲା.. ୧୫ ଜଣ ଅହେମଦୀ ଆର୍ମି ଓ ପୋଲିସ୍ ବାଲା ନୌଯବାନ୍ ଯେଉଁମାନେ ଯଲସାରେ ଅଂଶଗ୍ରହଣ ପାଇଁ ଆସିଥିଲେ ସେମାନେ ମଧ୍ୟ ସେବା କରବା ପାଇଁ ନିଜକୁ ପେଶ୍ କଲେ ଓ ପରିଶ୍ରମ କରି ଡ୍ୟୁଟି ମଧ୍ୟ ଦେଲେ ।

**(୩) ନିଜାମତେଁ ଓ୍ୱ କୟାମ୍ ଗାହେଁ :-**

ଏ ବର୍ଷ ଯଲସାର ଆୟୋଜନର ବ୍ୟବସ୍ଥା ଏବଂ ଅତିଥିମାନଙ୍କର ରହିବା ଓ ଖାଇବା ପାଇଁ ୨୭ ଟି ନିଜାମତେ (ବିଭାଗ) ଏବଂ ୨୧ ଗୋଟି ରହିବା ସ୍ଥଳୀ ତିଆରି ହୋଇଥିଲା । ତତ୍‌ସହିତ ୪ଟି ଲଙ୍ଗର୍‌ଖାନା ଚଲୁ କରାଯାଇଥିଲା । କାଦିଆନ୍‌ର ପ୍ରତ୍ୟେକ ହଲ୍‌କାର ଘରମାନଙ୍କରେ ଅତିଥିମାନଙ୍କର ରହିବା ପାଇଁ ୬ଟି ସ୍ଥାନରେ 'ଫ୍ୟାମିଲିଜ୍' ଦ୍ୱାରା ଖାଦ୍ୟ ବଂଟନର କାର୍ଯ୍ୟ କରାଯାଇଥିଲା ।

**(୪) ହ୍ୟୁମାନିଟି ଫାଷ୍ଟ :-**

ହଜୁର୍ ଅନୁଓ୍ୱର୍‌ଙ୍କ ଅନୁମତି କ୍ରମେ ଭାରତରେ ହ୍ୟୁମାନିଟି ଫାଷ୍ଟ ଅଫିସ୍ ପ୍ରତିଷ୍ଠା ହୋଇସାରିଛି । ତାହା ଅଧିନରେ ୬-୭ ମାସ ହେବ ଖିଦ୍‌ମତ୍ ଖଲ୍‌କର କାର୍ଯ୍ୟ ଜାରି ରହିଛି ଜଲ୍‌ସା ସାଲାନାର ଅବସରରେ ସେହି କାର୍ଯ୍ୟଗୁଡ଼ିକର ଫଟୋଚିତ୍ର ସରାଏ ଓ୍ୱସିମ୍ ନିକଟରେ ଏକ ପ୍ରଦର୍ଶନୀ ଲଗାଯାଇଥିଲା । ବହୁ ସଂଖ୍ୟାରେ ଲୋକମାନେ ତା'ର ଭ୍ରମଣ କରିଲେ ଏବଂ ନିଜ ସାମର୍ଥ୍ୟ ଅନୁସାରେ ଦାନ ମଧ୍ୟ ଦେଲେ ।

**(୫) ନିକାହ୍‌ର ଘୋଷଣା :-**

ଜଲ୍‌ସା ସାଲାନାର ଦିନରେ ମସ୍‌ଜିଦ୍ ଅକ୍‌ସାଠାରେ ୨୬ ଟି ନିକାହ୍‌ର ଘୋଷଣା କରାଗଲା । ସେମାନଙ୍କ ମଧ୍ୟରୁ ୨୦ ଟି ନିକାହ୍‌ର ଘୋଷଣା ୨୭ ଡ଼ିସେମ୍ବର ୨୦୧୬ ଦିନ କରାଗଲା ।

**(୬) ନୁମାଇଶ (ପ୍ରଦର୍ଶନୀ) :-**

୨୦୧୫ ମସିହା ଜଲ୍‌ସା ସାଲାନା ଅବସରରେ ହଲ୍‌କା ଦାରୁସ୍‌ସାଲାମ୍ ଠାରେ ଥିବା ହଜ୍‌ରତ୍ ନଓ୍ୱାବ୍ ମୁହମ୍ମଦ୍ ଅଲି ଖାନ୍ ସାହେବଙ୍କ କୋଠି ଯେଉଁଠି ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅଓ୍ୱଲ୍ ର:ଅ ନିଜ ଜୀବନର ଶେଷ ସମୟ କଟାଇଥିଲେ ତାକୁ ପୁନର୍ବାର ନୂଆ କରି ''ଅନ୍‌ନୁର୍ ନୋମାଇଶ୍'' ନାମରେ ଏକ ପ୍ରଦର୍ଶନୀ ଗୃହର ଶୁଭାରମ୍ଭ କରାଯାଇଥିଲା । ଏ ବର୍ଷ ମଧ୍ୟ ତା ୨୩ ଡ଼ିସେମ୍ବର ୨୦୧୬ ରୁ ୨ ଜାନୀଆରୀ ୨୦୧୭ ପର୍ଯ୍ୟନ୍ତ ୧୦ ଦିନ କାଳ ପ୍ରଦର୍ଶନୀ ଲଗାଯାଇଥିଲା । ଯେଉଁଥିରେ ଯମାତ୍ ଅହେମଦୀୟା ଇତିହାସରେ ବିଭିନ୍ନ ସମୟର ଘଟଣାବଳୀର ଫଟୋମାନ ଏବଂ ପୋଷ୍ଟର୍ ଇତ୍ୟାଦି ପ୍ରଦର୍ଶିତ କରାଯାଇଥିଲା ।...ଏତଦ୍‌ବ୍ୟତୀତ ନଜାରତ୍ ନଶ୍‌ରୋ ଇଶାଅତ୍‌ର ଆନୁକୁଲ୍ୟରେ ନଶ୍‌ରୋ ଇଶାଅତ୍‌ର ବିଲ୍‌ଡ଼ିଂ ପରିସରରେ ପବିତ୍ର କୋରାନ୍‌ର ପ୍ରଦର୍ଶନୀ ଏବଂ ମଖ୍‌ଜନେ ତସାଓ୍ୱିର୍‌ର ବିଭାଗ ପ୍ରତିଷ୍ଠା ହୋଇଅଛି । ଜଲ୍‌ସା ଦିନ ଗୁଡ଼ିକରେ ବହୁ ସଂଖ୍ୟାରେ ଲୋକେ ଉକ୍ତ ପ୍ରଦର୍ଶନୀକୁ ବୁଲି ଦେଖିଲେ ।

**(୭) ତରବିୟତି ଜଲ୍‌ସା ଏବଂ ମଜ୍‌ଲିସ୍ ସଓ୍ୱାଲ୍ ଓ ଜଓ୍ୱାବ୍ :-**

ତା ୨୬ ଡ଼ିସେମ୍ବର ୨୦୧୬ ସୋମବାର ଦିନ ଜଲ୍‌ସା ସାଲାନା କାଦିଆନ୍‌ର ପ୍ରଥମ ଦିନ ପରେ ନମାଜ ମଗ୍‌ରିବ୍ ଓ ଇଶା ମସ୍‌ଜିଦ୍ ଅନୁଆର୍ ହଲ୍‌କା ଦାରୁଲ୍ ଅନୁଆର୍‌ରେ ଶ୍ରୀମାନ୍ ମୌଲାନା ମୁହମ୍ମଦ୍ ହମିଦ୍ କୌଶର୍ ସାହେବଙ୍କ ସଭାପତିତ୍ୱରେ ନୌମୁବାଇନ୍ ଏବଂ ଜେରେ ତବ୍‌ଲିଗ୍ ଲୋକଙ୍କ ପାଇଁ ଗୋଟିଏ ତବ୍‌ଲିଗ୍ ଜଲ୍‌ସାର ଆୟୋଜନ କରାଗଲା ।...

**(୮) ଶୁବା ତରଯୁମାନି (ଅନୁବାଦ ବିଭାଗ):-**

ଏ ବର୍ଷ ନିମ୍ନଲିଖିତ ୯ ଟି ଭାଷାରେ ଜଲ୍‌ସାର ତକ୍‌ରିର୍ ଗୁଡ଼ିକର ସଙ୍ଗେ ସଙ୍ଗେ ଅନୁବାଦର ବ୍ୟବସ୍ଥା କରାଯାଇଥିଲା । (୧)ଆରବୀ, (୨)ରସିଆନ୍, (୩) ଇଣ୍ଡୋନେସିଆନ୍, (୪) ଇଂଲିସ୍, (୫)ମାଲାୟାଲମ୍, (୬)ତାମିଲ, (୭) ତେଲୁଗୁ, (୮)ବଙ୍ଗଳା, (୯)କନ୍ନଡ଼ ।

ଅଲ୍ଲାହ୍‌ଙ୍କ କୃପାରୁ ପ୍ରତ୍ୟେକ ଭାଷାର ଅନୁବାଦକାରୀମାନେ ବହୁତ ପରିଶ୍ରମ କରି ଅନୁବାଦର କାର୍ଯ୍ୟକୁ ତୁଲାଇଲେ ।

**(୯)ଶୁବା ତରବିୟତ୍ (ତରବିୟତ୍ ବିଭାଗ):-**

ଜଲ୍‌ସା ସାଲାନା କାଦିଆନ୍‌ର ଦିନ ଗୁଡ଼ିକରେ ୨୨ ଡ଼ିସେମ୍ବର ୨୦୧୬ ରୁ ୨ ଜାନୁଆରୀ ୨୦୧୭ ପର୍ଯ୍ୟନ୍ତ ମସ୍‌ଜିଦ୍ ଅକ୍‌ସା, ମସ୍‌ଜିଦ୍ ମୁବାରକ୍ ଏବଂ ମସ୍‌ଜିଦ୍ ଅନୁଆର୍ ରେ ବାୟଯମାତ୍ ନମାଜ ତହଯୁଦ୍ ପାଠ କରାଗଲା । ଏହିପରି କାଦିଆନ୍‌ର ଅନ୍ୟାନ୍ୟ ମହଲା ଗୁଡ଼ିକରେ ମଧ୍ୟ ୭ ଟି ମସ୍‌ଜିଦ୍‌ରେ ଜଲ୍‌ସା ସାଲାନାର ୩ ଦିନରେ ବାୟଯମାତ୍ ତହଯୁଦ୍ ନମାଜ୍‌ର ଆୟୋଜନ କରାଯାଇଥିଲା । ଏହିପରି ପ୍ରତ୍ୟେକ ମସ୍‌ଜିଦ୍‌ରେ ଫଜର୍ ନମାଜ୍ ପରେ ବିଶେଷ ଦରସ୍‌ର ବ୍ୟବସ୍ଥା କରାଯାଇଥିଲା । ନମାଜ୍ ତହଯୁଦ୍ ପାଠ ପାଇଁ ଲୋକମାନଙ୍କୁ ଲାଉଡ୍ ସ୍ପିକର୍ ଜରିଆରେ ଦରୁଦ୍ ଶରିଫ୍ ପଢ଼ି ଜଗାଇ ଦିଆଯାଉଥିଲା । ଏହି ବିଭାଗର ଅଧିନରେ କାଦିଆନ୍‌ର ବିଭିନ୍ନ ଗଳି ଓ ସଡ଼କରେ ତାଲିମ୍ ଓ ତରବିୟତି ପାଇଁ ସୁନ୍ଦର ବ୍ୟାନର୍‌ମାନ ଲଗାଯାଇଥିଲା । ଏତତ୍‌ବ୍ୟତୀତ ଉର୍ଦ୍ଦୁ ଓ ଇଂରାଜୀ ଭାଷାରେ ଜଲ୍‌ସା ସାଲାନାର ପ୍ରୋଗ୍ରାମ୍ ଉପରେ ପର୍ଯ୍ୟବେଶିତ ଛୋଟ ପୁସ୍ତକ ରଙ୍ଗୀନ୍ ମଲାଟ ସହି ପ୍ରକାଶିତ କରାଯାଇଥିଲା ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ ଅ:ବ:ଅଙ୍କ ଜଲ୍‌ସା ସାଲାନା ଉପଲକ୍ଷେ ଦେଇଥିବା ଉପଦେଶମାନ ସାମିଲ୍ କରାଯାଇଥିଲା ।

**(୧୦) ପ୍ରେସ୍ ଆଣ୍ଡ ମିଡ଼ିଆ :-**

ଏହି ବର୍ଷ ୧୧ଟି ଭାଷାରେ ୨୦୬ ଖବର କାଗଜରେ ଜଲ୍‌ସା ବିଷୟରେ ୨୮୨ଟି ଖବର, ଲେଖା ଓ ଆର୍ଟିକିଲ୍ ପ୍ରକାଶ ହେଲା । ୧୬ଟି ବିଶେଷ ସପ୍ଲିମେଂଟ୍ ଏବଂ ୪୧ଟି ଖବର କାଗଜରେ ୪୩ଗୋଟି ଇସ୍ତେହାର ପ୍ରକାଶ ପାଇଥିଲା । ଏହିପରି ୨୭ଟି ନ୍ୟୁଜ୍ ଚ୍ୟାନେଲ୍‌ରେ ୨୯ ଥର ଜଲ୍‌ସାର ଖବର ଓ ପ୍ରୋଗ୍ରାମ୍ ପ୍ରଦର୍ଶିତ କରାଗଲା । ୫୭ଜଣ ରିପୋର୍ଟର ଜଲ୍‌ସାର କଭରେଜ୍ ପାଇଁ ଆସିଥିଲେ । ସେମାନଙ୍କ ମଧ୍ୟରୁ ୧୩ ଜଣ ରିପୋର୍ଟର ପଞ୍ଜାବ୍ ପ୍ରଦେଶର ବାହାରୁ ଆସିଥିଲେ । ଜଲ୍‌ସା ସାଲାନାର ବିଜ୍ଞାପନ ନିମନ୍ତେ ଦିଲ୍ଲୀ, ଚଣ୍ଡିଗଡ଼, ଜଲନ୍ଧର ଏବଂ ସୋର (ଓଡ଼ିଶା) ଠାରେ ପ୍ରେସ୍ କନ୍‌ଫରେନ୍‌ସର ଆୟୋଜନ କରାଯାଇଥିଲା ।

*(ରିପୋର୍ଟ: ମନ୍‌ସୁର୍ ଅହେମଦ୍ ମସ୍‌ରୁର୍, ମୁନ୍ତଜିମ୍ ଶୁବା ରିପୋର୍ଟିଂ)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan